

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୬ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 6 SEPTEMBER 2020

Vol.No. 30 ■ No. 226 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୫।୯ (ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୧୨ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଏହି ଜିଲ୍ଲା ଗୁଡିକ ହେଲା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ, ବରଗଡ, ଝାରସୁଗୁଡା, କେନ୍ଦୁଝର ଓ ମୟୁରଭଂଜ । ସମ୍ପୃକ୍ତ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସାଧାରଣରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେହିପରି ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବଷା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

ରାଜ୍ୟ ବିଜେପିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଆଗାମୀ ଦିନରେ ଓଡ଼ିଶାରେ ବିଜେପି ସରକାର ଗଠନ କରିବ: ଜେ.ପି. ନଡ୍ଡା

ଭୁବନେଶ୍ୱର,୫।୯ (ନି.ପ୍ର): ଓଡିଶାରେ ଦୀର୍ଘ ସମୟ ରାଜନୈତିକ ଲଢେଇ ପରେ ବିଜେପିକୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ମିଳିଛି । ଗତ ୨୦୧୯ ଲୋକସଭା ନିର୍ବାଚନରେ ପାଖାପାଖି ୧ କୋଟି ଭୋଟ ବିଜେପି ସପକ୍ଷରେ ପଡିଛି । ୩୩ ଟି ଅନୁସୂଚିତ ଜାତି ଜନଜାତିର ବିଧାନସଭା ଆସନରୁ ୧୧ ଜଣ ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେହିପରି ୨୦୧୪ ଲୋକସଭା ନିର୍ବାଚନରେ ବିଜେପିକୁ ୨୧ ପ୍ରତିଶତ ଭୋଟ ମିଳିଥିବାବେଳେ ୨୦୧୯ରେ ଏହା ବୃଦ୍ଧି ହୋଇ ୩୮ ପ୍ରତିଶତ ଏବଂ ୨୦୧୪ ବିଧାନସଭା ନିର୍ବାଚନରେ ବିଜେପିକୁ ୧୮ ପ୍ରତିଶତ ଭୋଟ ମିଳିଥିବାବେଳେ ୨୦୧୯ ରେ ଏହା ୩୨ ପ୍ରତିଶତକୁ ବୃଦ୍ଧି ପାଇଛି । ଆଗାମୀ ଦିନରେ ଆମେ ୫୦ ପ୍ରତିଶତ ଭୋଟ ହାସଲ କରି ଓଡିଶାରେ ବିଜେପି ସରକାର ଗଠନ କରିବାର ସଂକଳ୍ପ ନେବା ବୋଲି ବିଜେପିର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେଇ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରୀୟ ସଭାପତି ଡ. ଜଗତ ପ୍ରକାଶ ନଡ୍ଡା । କୋଭିଡ ସଙ୍କଟ ସମୟରେ ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି 'ଲକଡାଉନ ଓ ଜନତା କର୍ଫ୍ୟୁ' ଜରିଆ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମଗ୍ର ବିଶ୍ୱ ଓ ୟୁନିସେଫ ଭୁୟସୀ ପ୍ରଶଂସା କରିଛନ୍ତି । କରୋନାରୁ ଏବେ ଦେଶରେ ୭୪. ୩୦ ପ୍ରତିଶତ ରୋଗୀ ସୁସ୍ଥ ହେଉଛନ୍ତି । ଏହା ନିଶ୍ଚିତ ଭାବେ ଆଶ୍ୱସ୍ତ ପ୍ରଦାନ କରିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଜାତୀୟ ଶିକ୍ଷାନୀତି -୨୦୨୦ ଭାରତର ଭାଗ୍ୟ ବଦଳାଇଦେବ । କେହି ବି ଜଣେ ଶିକ୍ଷାରୁ ବଂଚିତ ନହେବେ ସେ ନେଇ ବ୍ୟବସ୍ଥା କରାଯାଇଛି । ଓଡିଶା ସରକାର ଏକ ଟାସ୍କଫୋର୍ସ ଗଠନ କରି କାର୍ଯ୍ୟ କରନ୍ତୁ । ବିଜେପି କାର୍ଯ୍ୟକର୍ତାମାନେ ଏସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ ।

ବିଜେପି କାର୍ଯ୍ୟକର୍ତମାନେ ଆତ୍ମନିର୍ଭର ପ୍ୟାକେଜ, ଭିତିଭୂମି ପାଣ୍ଠି, ପ୍ରବାସୀ ଶ୍ରମିକମାନଙ୍କୁ ରୋଜଗାର ଦେବା ଆଦି କାର୍ଯ୍ୟରେ ନିଜକୁ ▶▶ପୃଷ୍ଠା ୭

ସ୍ୱାମୀ ଅନୁଭବଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣି ଅଦାଲତରେ ଦ୍ୱାରସ୍ଥ ହେଲେ ପତ୍ନୀ ବର୍ଷା: ଶୁଣାଣୀ ୭ରେ

କଟକ,୫।୯ (ନି.ପ୍ର): ଓଲିଉଡ ସୁପରଷ୍ଟାର ତଥା ବିଜେଡ଼ି ସାଂସଦ ଅନୁଭବ ମହାନ୍ତିଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି ପତ୍ନୀ ତଥା ଓଲିଉଡର ସୁପରିଚିତା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ । ସେ କଟକ ଏସଡିଜେଏମ ଅଦାଲତରେ ସ୍ୱାମୀ ଅନୁଭବଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିବା ସହ ଭରଣପୋଷଣ ବାବଦରେ ଅର୍ଥ ଦାବି କରିଛନ୍ତି । ଅନୁଭବଙ୍କ ବିରୋଧରେ ଘରୋଇ ହିଂସା ସହ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି ପତ୍ନୀ ବର୍ଷା । କେବଳ ସେତିକି ନୁହେଁ, ବର୍ଷା ପ୍ରିୟଦର୍ଶନୀ ଅନୁଭବଙ୍କ ବିରୋଧରେ ଶାରୀରିକ ନିର୍ଯାତନାର ଅଭିଯୋଗ ଆଣିବା ସହ ସୁରକ୍ଷା ମଧ୍ୟ ଚାହିଁଛନ୍ତି । ଅନ୍ୟପକ୍ଷରେ ଏ ନେଇ ସାଂସଦ ଅନୁଭବ ମହାନ୍ତି କହିଛନ୍ତି ଯେ ତାଙ୍କୁ ଏଯାଏ କୌଣସି ଲିଗାଲ ନୋଟିସ୍ ମିଳିନାହିଁ । ▶▶ପୃଷ୍ଠା ୭

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୫।୯ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୮୭୮ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୨୦୬୧୮ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୧୪୪, ବାଲେଶ୍ୱର ଜିଲ୍ଲାରେ ୪୨୧୦, ବରଗଡ ଜିଲ୍ଲାରେ ୩୦୨୭, ଭଦ୍ରକ ଜିଲ୍ଲାରେ ୩୧୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୯୮୧ . ବୌଦ୍ଧ ଜିଲ୍ଲାରେ ୭୯୨, କଟକ ଜିଲ୍ଲାରେ ୧୦୦୪୩, ଦେବଗଡ ଜିଲ୍ଲାରେ ▶▶ପୃଷ୍ଠା ୭

ଗୁରୁ ଦିବସରେ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୫।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଷ୍ଠିତ ଶିକ୍ଷକ, ବିଦ୍ୱାନ, ଦାର୍ଶନିକ ଏବଂ ପୂର୍ବତନ ରାଷ୍ଟ୍ରପତି ଡ. ରାଧାକ୍ରିଷ୍ଣନଙ୍କ ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ତଥା ସର୍ବତ୍ର ପାଳିତ 'ଗୁରୁ ଦିବସ' ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ମଧ୍ୟ ଶିଶୁକିଶୋରମାନଙ୍କ ପରିପାଳନ ସହ ସେମାନଙ୍କୁ ଭବଷ୍ୟତ ପାଇଁ ପ୍ରସ୍ତୁତ କରି ସମାଜ ନିମନ୍ତେ ଅବଦାନ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଶିକ୍ଷକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ପ୍ରକାଶ ପାଇଲା ଯୁକ୍ତ ୨ କଳା ରେଜଲ୍ଟ: ପାସ୍ ହାର ୬୭.୫୬%

ଭୁବନେଶ୍ୱର,୫।୯ (ନି.ପ୍ର): ଯୁକ୍ତ ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ସମୁଦାୟ ୬୭.୫୬ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଗତ ବର୍ଷ ଭଳି ଚଳିତ ଥର ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି । ଶନିବାର ଅପରାହ୍ନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ପରୀକ୍ଷା ଫଳ ପୁସ୍ତିକା ପ୍ରକାଶ କରିଛନ୍ତି । ଚଳିତ ବର୍ଷ ୨ ଲକ୍ଷ ୧୯ ହଜାର ୭୧୬ ଜଣ ଛାତ୍ରଛାତ୍ରୀ ଯୁକ୍ତ୨ କଳା ପରୀକ୍ଷା ଦେଇଥିଲେ । ଏଥିରୁ ୧ ଲକ୍ଷ ୪୮ ହଜାର ୪୫୨ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ମୋଟ ୯୬ ହଜାର ୯୨୧ ଜଣ ଛାତ୍ରଙ୍କ ମଧ୍ୟରୁ ୫୭.୫୩ ପ୍ରତିଶତ ଅର୍ଥାତ ୫୫ ହଜାର ୭୫୬ ଜଣ ପାସ୍ କରିଛନ୍ତି । ୧ ଲକ୍ଷ ୨୨ ହଜାର ୭୯୫ ଜଣ ଛାତ୍ରୀଙ୍କ ମଧ୍ୟରୁ ୭୫.୪୮ ପ୍ରତିଶତ ଅର୍ଥାତ ୯୨ ହଜାର ୬୮୬ ଜଣ ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୨୨ ହଜାର ୧୯୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୬ ହଜାର ୨୭ ଜଣ ଓ ତୃତୀୟ ଶ୍ରେଣୀରେ ୧ ଲକ୍ଷ ୧୦୧ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ବରଗଡ଼ ଜିଲ୍ଲାରୁ ସର୍ବାଧିକ ୭୬.୬୩ ପ୍ରତିଶତ ଓ ନବରଙ୍ଗପୁର ଜିଲ୍ଲାରୁ ସର୍ବନିମ୍ନ ୪୪.୬୭ ପ୍ରତିଶତ ପିଲା



ପାସ କରିଥିବା ସୂଚନା ରହିଛି । କଳାରେ ମାତ୍ର ଜଣେ ପିଲା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ମାତ୍ର ୧୦ ଟି କଲେଜରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ କୌଣସି କଲେଜରେ ଜିରୋ ରେଜଲ୍ଟ ହୋଇନାହିଁ । ସେହିପରି ଚଳିତ ବର୍ଷ ରାଜ୍ୟରେ ଧନ୍ଦାମୂଳକ ପରୀକ୍ଷାରେ ୭,୦୩୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ହଜାର ୪୬ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ଏହାର ପାସ୍ ହାର ଶତକଡ଼ା ୫୭.୫୩ ରହିଛି । ଆଜିର ପରୀକ୍ଷା ଫଳ ଘୋଷଣା ଅବସରରେ ▶▶ପୃଷ୍ଠା ୭

ପୁରୀ ବେଳାଭୂମିକୁ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ

ଭୁବନେଶ୍ୱର,୫।୯ (ନି.ପ୍ର): ଓଡ଼ିଶାର ପର୍ଯ୍ୟଟନ ବିଭବକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ସହ ବିଶ୍ୱସ୍ତରୀୟ ପରିବେଶ ଅନୁକୂଳ ପର୍ଯ୍ୟଟକ ସୁବିଧା ସମ୍ବଳିତ ବେଳାଭୂମି ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପୁରୀ ସ୍ୱର୍ଣ୍ଣିମ ବେଳାଭୂମିର ରମଣୀୟ ସୌନ୍ଦର୍ଯ୍ୟ ପ୍ରତ୍ୟେକ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଓଡିଶାରୁ ଗୁଜରାତ ଯାଉଥିବା ବସ୍ ଛତିଶଗଡରେ ଦୁର୍ଘଟଣାଗ୍ରସ୍ତ: ୮ ମୃତ

ଭୁବନେଶ୍ୱର,୫।୯ (ନି.ପ୍ର): ଗଞ୍ଜାମରୁ ଗୁଜରାଟକୁ ଯାଉଥିବା ଏକ ବସ୍ ଛତିଶଗଡର ରାଜଧାନୀ ରାୟପୁର ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୯ ଜଣ ସୁରକ୍ଷିତ ଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ର ରାୟପୁର ନିକଟବର୍ତୀ ଛେରିଖେଡ଼ିରେ ଗଞ୍ଜାମରୁ ଗୁଜରାଟକୁ ଯାଉଥିବା ବସ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା

ହୋଇଥିଲା । ଏହାଫଳରେ ଘଟଣାସ୍ଥଳରେ ୬ ଜଣଙ୍କର ପ୍ରାଣହାନି ଘଟିଥିଲା ପରେ ଆଉ ଦୁଇ ଜଣ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି । ପୋଲିସ ଡିଜି ଟ୍ୱିଟ କରି ମୋଟ ୮ ଜଣ ପ୍ରାଣ ହରାଇଥିବା ନେଇ ସୂଚନା ଦେଇଛନ୍ତି । ସମସ୍ତ ମୃତକ ଗଞ୍ଜାମ ଜିଲ୍ଲାର ବାସିନ୍ଦା ଓ ସେମାନେ ଗୁଜରାଟର ସୁରତ ଯାଉଥିଲେ । ଆହତମାନଙ୍କୁ ନିକଟସ୍ଥ ଆମ୍ବେଦକର୍ ହସ୍ପିଟାଲରେ ଭର୍ତି କରାଯାଇଛି ।

ପଶ୍ଚିମବଙ୍ଗରେ ଲକ୍ ଡାଉନ୍ ପାଇଁ ୫ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୫।୯ (ନି.ପ୍ର): ପଶ୍ଚିମବଙ୍ଗ ରାଜ୍ୟରେ ସେପ୍ଟେମ୍ବର ୦୭, ୧୧ ଓ ୧୨ ତାରିଖରେ ସମ୍ପୂର୍ଣ୍ଣ ଲକ୍ ଡାଉନ ହେଉଥିବାରୁ ୫ ଟି ଟ୍ରେନ୍ ବାତିଲ୍ କରାଯାଇଥିବା ବେଳେ ୨ ଟି ଟ୍ରେନ୍ ଆଂଶିକ ବାତିଲ ହୋଇଛି । ୨ ଟି ଟ୍ରେନ୍ ର ରହଣି ପ୍ରତ୍ୟାହାର କରାଯାଇଛି । ପୂର୍ବତଟ ରେଳପଥର ସୂଚନା ଅନୁଯାୟୀ ସେପ୍ଟେମ୍ବର ୧୧ ଓ ୧୨ ତାରିଖ ଦିନ ହାଓଡ଼ାରୁ ଛାଡୁଥିବା ୦୨୨୪୫ ହାଓଡ଼ା-ଯଶୋବନ୍ତପୁର ଦୁରନ୍ତ ସ୍ପେସିଆଲକୁ ବାତିଲ କରାଯିବ । ସେପ୍ଟେମ୍ବର ୬, ୧୦ ଓ ୧୧ ତାରିଖ ଦିନ ଯଶୋବନ୍ତପୁରରୁ ଛାଡୁଥିବା ୦୨୨୪୬ ଯଶୋବନ୍ତପୁର -ହାଓଡ଼ା ଦୁରନ୍ତ ସ୍ପେସିଆଲକୁ ବାତିଲ କରାଯିବ । ସେପ୍ଟେମ୍ବର ୭ ଓ ୧୧ ତାରିଖ ଦିନ ସିଆଲଦାରୁ ଛାଡୁଥିବା ୦୨୨୦୧ ସିଆଲଦା -ଭୁବନେଶ୍ୱର ଦୁରନ୍ତ ସ୍ପେସିଆଲକୁ ବାତିଲ କରାଯିବ । ସେପ୍ଟେମ୍ବର ୮ ଓ ୧୨ ତାରିଖ ରେ ଭୁବନେଶ୍ୱରରୁ ଛାଡୁଥିବା ୦୨୨୦୨ ଭୁବନେଶ୍ୱର - ସିଆଲଦା ଦୁରନ୍ତ ସ୍ପେସିଆଲକୁ ବାତିଲ କରାଯିବ । ୦୨୦୭୪/୦୨୦୭୩ ଭୁବନେଶ୍ୱର -ହାଓଡ଼ା - ଭୁବନେଶ୍ୱର ଜନ ଶତାବ୍ଦୀ ସ୍ପେସିଆଲକୁ ୭, ୧୧ ଓ ୧୨ ସେପଟ୍ଟେମ୍ବର ଦିନ ଗୁଡିକରେ ଉଭୟ ଭୁବନେଶ୍ୱର ଓ ହାଓଡ଼ା ଦିଗରୁ ବାତିଲ କରାଯିବ । ୬, ୧୦ ଓ ୧୧ ସେପ୍ଟେମ୍ବରରେ ସିକନ୍ଦରାବାଦରୁ ଛାଡୁଥିବା ୦୨୭୦୪ ସିକନ୍ଦରାବାଦ -ହାଓଡ଼ା ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ଏହାର ଯାତ୍ରା ଭୁବନେଶ୍ୱର ଠାରେ ସମାପ୍ତ କରିବ ଏବଂ ହାଓଡ଼ା ପର୍ଯ୍ୟନ୍ତ ଯିବ ନାହିଁ । ୭,୧୧ ଓ ୧୨ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୫୩୮ ହେଲା

ଭୁବନେଶ୍ୱର,୫।୯ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପୁଣି ୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୩୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ଦୁଇ ଜଣ ହୋଇଥିବା ବେଳେ ଗଂଜାମ, ବଲାଙ୍ଗୀର, କଟକ, ମାଲକାନଗିରି, ସୁନ୍ଦରଗଡ ଜିଲ୍ଲାର ଜଣେ – ଜଣ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ବଲାଙ୍ଗୀର ଜିଲ୍ଲାର ଜଣେ ୭୮ ବର୍ଷୀୟା କରୋନା ସଂକ୍ରମିତ



ପୁରୁଷଙ୍କର ମୃତ୍ୟୁ ଘଟିଛି । । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ଡାଇବେଟିସରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୭୬ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୧୩ ବର୍ଷୀୟ ବାଳକର କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଧା ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ ।

ମହେନ୍ଦ୍ରଗିରିର ବିକାଶ ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୫।୯ (ନି.ପ୍ର): ଭାରତ ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାର ରାମାୟଣ ସର୍କିଟ୍ ଅଧୀନରେ ମହେନ୍ଦ୍ରଗିରିର ବିକାଶ ପାଇଁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରଣାଳୟକୁ ସହଯୋଗ କରିବା ସହ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗକୁ ଏଥିପାଇଁ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେବା ପାଇଁ ପତ୍ର ଲେଖି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ଏହି ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ସ୍ୱଦେଶ ଦର୍ଶନ ଯୋଜନାରେ ରାମାୟଣ ସର୍କିଟ ଅଧୀନରେ ମହେନ୍ଦ୍ରଗିରିର ବିକାଶ ପାଇଁ ପ୍ରସ୍ତାବ ଦେବା ପାଇଁ ଓଡିଶା ସରକାରଙ୍କୁ ଅନୁରୋଧ କରାଯାଇଥିଲା । ମାତ୍ର ରାଜ୍ୟ ସରକାର ଏପର୍ଯ୍ୟନ୍ତ ବିଭାଗୀୟ ମନ୍ତ୍ରଣାଳୟକୁ ଏହି ପ୍ରସ୍ତାବ ପଠାଇନଥିବା ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ଭାରତ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ ଯୋ

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଜିଲ୍ଲା ଯୁବ କଂଗ୍ରେସର ଶ୍ରଦ୍ଧାଞ୍ଜଳି : ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

କନ୍ଧମାଳ,୫।୯ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ କନ୍ଧମାଳ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ସ୍ଥାନୀୟ ନେତାଜୀ କ୍ଲବ ଠାରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୨ ମିନଟ୍ ନୀରବ ପ୍ରାର୍ଥନା କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଦୀର୍ଘ ବିର୍ଷ ଧରି ପ୍ରଣବ ମୁଖାର୍ଜୀ କଂଗ୍ରେସ ଦଳରେ ରହି ଅନେକ ଥର ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ । କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ଅର୍ଥ ବିଭାଗ, ବୈଦେଶିକ ବିଭାଗ, ପ୍ରତିରକ୍ଷା ବିଭାଗର ଦାୟିତ୍ୱ ନିଷ୍ଠାପର ଭାବେ ପରିଚାଳନା କରିଥିଲେ । ପ୍ରଣବ ମୁଖାର୍ଜୀ ଅନେକ ପୁସ୍ତକ ରଚନା କରିଛନ୍ତି । ତାଙ୍କ ବିୟୋଗରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭାର ଆୟୋଜନ ହୋଇଥିଲା । ଏଥିରେ "ଭାରତ ନିର୍ମାଣରେ କଂଗ୍ରେସର ଅବଦାନ" ଅନ୍ୟତମ ବୋଲି କନ୍ଧମାଳର ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଆଇନଜୀବି ଚନ୍ଦ୍ରଶେଖର ପରିଡ଼ା, ପୂର୍ବତନ କାଉନସିଲର ସୂର୍ଯ୍ୟକାନ୍ତ ଦାସ, ସଞ୍ଜୟ ଭଞ୍ଜ, ସଂସାର ଭୋଇ, ରବିନ୍ଦ୍ର ଷଡ଼ଙ୍ଗୀ, ଅଶୋକ ସାହାଣୀ, ସାମ୍ବାଦିକ ବଳଦେବ ବେହେରା, ଶିବ ଶଙ୍କର ବେହେରା, ଗୌର ଚରଣ ବେହେରା, ପ୍ରେମଚାନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ କନ୍ଧମାଳ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ ପାଢ଼ୀଙ୍କ ନେତୃତ୍ୱରେ ଉପରୋକ୍ତ ସଦସ୍ୟମାନେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ମହାମାରୀ ସଙ୍କଟ ସମୟରେ ଫୁଲବାଣୀ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ମଶାନରେ ଶବଦାହ କରିବାପାଇଁ କାଠର ଘୋର ଅଭାବ ରହିଛି । ସେଥିପାଇଁ ଫୁଲବାଣୀରେ ଥିବା ଫରେଷ୍ଟ କର୍ପୋରେସନର ଡିପୋରେ କାଠ ନଥିବାରୁ ଲୋକେ ଦିନ ଏବଂ ରାତ୍ରିବେଳେ ଶବ ସଂସ୍କାର କରିବାପାଇଁ କାଠ ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ଶାନ୍ତି ବଜାୟ ରଖିବା ଏବଂ ମାନବ ଅଧିକାରର ଗାଇଡ ଲାଇନ ସହିତ ମୃତ ଶରୀରକୁ ସମ୍ମାନ ଦେବା ପାଇଁ ମୃତ ଦେହକୁ ଶବଦାହ ପାଇଁ ଫୁଲବାଣୀରେ ଏକ ବୈଦ୍ୟୁତିକ ଶବଦାହ ଚୁଲ୍ଲୀ ସ୍ଥାପନ କରିବାକୁ ଅନୁରୋଧ କରାଯାଇଛି । ଯେହେତୁ ଏହା ଜନସାଧାରଣଙ୍କ ସ୍ୱାର୍ଥ ଏବଂ ପରିବେଶର ସ୍ୱଚ୍ଛତା ଦୃଷ୍ଟିରୁ ଏହି କାର୍ଯ୍ୟ କଲେ ଜିଲ୍ଲାରେ ଥିବା ବୃକ୍ଷ ମଧ୍ୟ ନଷ୍ଟ ହେବାରୁ ବଂଚି ଯିବ । ଏଥି ସହିତ ରାସ୍ତାରେ ବୁଲୁଥିବା ଗାଇ ଗୋରୁ ଓ କୁକୁର ମାନଙ୍କ ଯତ୍ନ ନେବାପାଇଁ ଏକ ସ୍ଥାୟୀ କେନ୍ଦ୍ର ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି । ରାସ୍ତାରେ ଗାଇ ଗୋରୁ ଓ କୁକୁର ଗତିବିଧି ଯୋଗଁ ଅନେକ ଦୁର୍ଘଟଣା ଘଟୁଛି । ଏଠାରେ ଉଲ୍ଲେଖଯୋଗ୍ୟ, ଆଗରୁ ବିଚାରପତି ସ୍ଥାୟୀ ଲୋକ ଅଦାଲତ ଫୁଲବାଣୀ ମଧ୍ୟ ଏହି ପ୍ରସଙ୍ଗରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଉଚିତ୍ । ଆହୁରି ମଧ୍ୟ ଟାଉନ ଅଂଚଳରେ ଡ୍ରେନ୍ ଜଳର ପ୍ରବାହ ସାଲୁଙ୍କୀ ନଦୀରେ ପ୍ରବାହିତ ବର୍ଜ୍ୟବସ୍ତୁ ଯାଂଚ୍ ଓ ଏକ ସ୍ଥାୟୀ ସମାଧାନ ଖୋଜିବା ପାଇଁ ଉଲ୍ଲେଖ ରହିଛି । ଏଥି ସହିତ ପ୍ରତିବର୍ଷ ସାଲୁଙ୍କୀ ନଦୀରେ ବର୍ଷା ଋତୁରେ ଫୁଲବାଣୀରେ ଥିବା ସାଲୁଙ୍କୀ ନଦୀରେ ପଟୁ ଜମୁଛି ତେଣୁ ନଦୀର ଗଭୀରତା ବଜାୟ ରଖି ନଦୀ ବାଲି ସଫା ରଖିବା ଓ ତା'ର ସୁରକ୍ଷା ପାଇଁ ନଦୀକୂଳ ନଖାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବୀ କରିଛି କନ୍ଧମାଳ ଯୁବ କଂଗ୍ରେସ । ଆଗାମୀ ଏକ ମାସ ମଧ୍ୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉପରୋକ୍ତ ଦାବି ଉପସ୍ଥାପନ କରିଛନ୍ତି । ଯଦି କାର୍ଯ୍ୟକାରୀ ନହୁଏ ତାପରବର୍ତ୍ତୀ ମୁହର୍ତ୍ତରେ ଯୁବ କଂଗ୍ରେସ କନ୍ଧମାଳ ଆନ୍ଦୋଳନ ଆକାରରେ ବିରୋଧ କରିବ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୫।୯ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ "ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍", ଓଡ଼ିଶା ରାଜ୍ୟ କମିଟିର ବୈଠକ ଆଜି ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସାଥି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀଙ୍କ ସଭାପିତତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦେଶ ତଥା ରାଜ୍ୟର ବିଭିନ୍ନ ଜ୍ୱଳନ୍ତ ଜନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । କରୋନା ମହାମାରୀ ସାରାଦେଶରେ ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ତାହାକୁ ନିୟନ୍ତ୍ରଣ କରାଇବାରେ ବିଫଳ କେନ୍ଦ୍ର ସରକାର, ଦେଶର ରଷ୍ଟ୍ରାୟତ ଉଦ୍ୟୋଗମାନଙ୍କରୁ ବ୍ୟାପକ ଶ୍ରମିକ ଛଟେଇ କରିବା, କ୍ଷତିର ଆଳ ଦେଖାଇ ବିଭିନ୍ନ ରଷ୍ଟ୍ରାୟତ ସଂସ୍ଥାଗୁଡ଼ିକୁ ଶାଗ ମାଛ ଦରରେ ବିଭିନ୍ନ ଘରୋଇ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିକ୍ରି କରିଦେବା, କେନ୍ଦ୍ର ସରକାରଙ୍କ ଭୁଲ ଆର୍ଥିକ ନୀତି ଯୋଗୁଁ ଦେଶର ଅର୍ଥନୀତି ରସାତଳ ଗାମୀ ହୋଇ ଜି.ଡି.ପି. -୨୩ ପ୍ରତିଶତରେ ପହଂଚିବା, ବେକାରୀ ସମସ୍ୟା ସର୍ବକାଳୀନ ରେକର୍ଡ଼ ଭଙ୍ଗ କରିବା ଭଳି ସମସ୍ୟା ସଂକ୍ରାନ୍ତରେ ବିସ୍ତାର ଭାବରେ ଆଲୋଚନା କରାଯାଇଥିଲା । ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରି ଦେବା ସହ ଛାତ୍ରଛାତ୍ରୀମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥା ସଂକ୍ରାନ୍ତରେ ଶିକ୍ଷା ଗ୍ରହଣରୁ ବଂଚିତ କରାଇବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ଅନ୍ୟପଟରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚଳନା ନିୟମ ପରିବର୍ତ୍ତନ କରି ସେଗୁଡ଼ିକୁ ସରକାରୀ ନିୟନ୍ତ୍ରଣକୁ ନେବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ଗ୍ରହଣ କରିଥିବା ନିଷ୍ପତି ବିଶ୍ୱବିଦ୍ୟାଳୟ ଓ ସର୍ବୋପରି ଛାତ୍ର ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ଗଣତାନ୍ତ୍ରିକ ଅଧିକାର ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକର ସ୍ୱତନ୍ତ୍ରତାକୁ ଧ୍ୱଂସ କରିଦେବ ବୋଲି ଆଜି ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା । ଏହା ବିରୋଧରେ ଓ ସର୍ବୋପରି ଜନ ସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ରାଜ୍ୟବ୍ୟାପୀ ଜନ ସଚେତନତା କାର୍ଯ୍ୟକ୍ରମ ସଂଗଠିତ କରିବା ପାଇଁ ଆଜି ଏହି ରାଜ୍ୟକମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଆଜିର ଏହି ବୈଠକରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିବା ବେଳେ ସଂପାଦକ ମଣ୍ଡଳି ସଭ୍ୟ ଜିତେନ୍ଦ୍ରୀୟ ବେହେରା, ଗୋପାଳ ଚନ୍ଦ୍ର ଅଗ୍ରୱାଲ, ସର୍ବେଶ୍ୱର ମିଶ୍ର ଓ ରାଜ୍ୟ କମିଟି ସଭ୍ୟ ଆଲୋକ ମହାପାତ୍ର, ସମରଜିତ୍ ମହାନ୍ତି, ପ୍ରଦୀପ ଦାସ, ବିଭୁଧେନ୍ଦ୍ର ପାଢ଼ୀ, ମିଟୁ ମହାପାତ୍ର, ବିଜୟ ସାହୁ, ସୌମ୍ୟ ରଂଜନ ଦାସ, ଚିଙ୍କୁ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ବନ୍ୟାଞ୍ଚଳ ପରିଦର୍ଶନ କଲେ ନବନିର୍ମାଣ କୃଷକ ସଙ୍ଗଠନ : କଂଟିଘାଇର ସ୍ଥାୟୀ ପ୍ରତିକାର ଦାବି

ଭଦ୍ରକ, ୫/୯ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର, ରହଣିଆ ଓ କଂଟି ବନ୍ୟାଂଚଳ ରାଷ୍ଟ୍ରୀୟ ନବ ନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର ଶୁକ୍ରବାର ପରିଦର୍ଶନ କରି ସହ କଂଟିଘାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟ ସହ ସଂଯୋଜକ ତ୍ରିଲୋଚନ ପଣ୍ଡା, ଭଦ୍ରକ ଜିଲ୍ଲା ଲସଂଯୋଜକ ଦୁର୍ଗା ଦାସ, ଯାଜପୁର ଜିଲ୍ଲା ସଂଯୋଜକ ଅଶୋକ ଶାନ୍ତି, ଭଣ୍ଡାରିପୋଖରୀ ସଂଯୋଜକ ବିବେକାନନ୍ଦ ଜେନା, ଷୋଳମପୁର ଗ୍ରାମ ପଂଚାୟତର ଚକ୍ରଧର ନାୟକ, ଗୁରୁଚରଣ ସାହୁ, କିଶୋର ନାୟକ, ଗୋକୁଳାନନ୍ଦ ସାମଲ, ବିଦ୍ୟାଧର ନାୟକ, ଗଣେଶ ଜେନା, ମହେଶ୍ୱର ରାଉତ, ପ୍ରଶାନ୍ତ ନାୟକ, ଅଜୟ ଜେନା, ଗୁରୁଚରଣ ନାୟକ, ସମୀର ନାୟକ, ସମାଜସେବୀ ବିଶ୍ୱମ୍ଭର ରାଉତ ପ୍ରମୁଖଙ୍କ ସହ ଶ୍ରୀ ଅକ୍ଷୟ କୁମାର ବରାହନୂଆପଡା କୂଳସାହି, ରହଣିଆ ଗ୍ରାମର ବନ୍ୟାରେ ଭାସି ଯାଇ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଭେଟି ଅଶ୍ୱାସନା ଦେଇଥିଲେ । ଏଥିସହ ସରକାର ଏକର ପିଛା ପନ୍ଦର ହଜାର ଓ ଭାଗଚାଷୀଙ୍କୁ ସାତ ହଜାର ପାଂଚଶହ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି । ଭଣ୍ଡାରିପୋଖରୀର ଦୁଃଖ ବୋଲି କୁହାଯାଉଥିବା କଂଟିଘାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ । ଏହି ଘାଇ ଦ୍ୱାରା ପ୍ରବେଶ କରୁଥିବା ବନ୍ୟାଜଳ ଦ୍ୱାରା ଭଣ୍ଡାରିପୋଖରୀ, ଧାମନଗର ଓ ତିହିଡି ଓ ଚାନ୍ଦବାଲି ବ୍ଲକର ୪୨ ପଂଚାୟତ କ୍ଷତିଗ୍ରସ୍ତ ହେଉଥିବା ଜାଣି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଏଥିନେଇ ଆନ୍ଦୋଳନ କରାଯିବ ବୋଲି ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସରକାରଙ୍କୁ ଚେତାବନୀ ଦେଇଥିଲେ ।

ମହିଳାଙ୍କ ଘରେ ପଶି ଅସଦାଚାରଣ ଅଭିଯୋଗ

ମାଲକାନଗିର,୫।୯ (ନି.ପ୍ର): ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଏମଭି୬୧ ଗ୍ରାମରେ ଜଣେ ମହିଳାଙ୍କ ଘରେ ସେହି ଗ୍ରାମର ଜଣେ ଲୋକ ରାତି ଅଧରେ ଅଚାନକ ପ୍ରବେଶ କରିତାଙ୍କୁ ଅସଦାଚାରଣ କରିଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଏମ୍ ଭି ୬୧ ଗ୍ରାମର ରୀନା (ଛଦ୍ମ ନାମ) ନିଜ ଘରେ ଶୋଇଥିବା ବେଳେ ତାଙ୍କ ପଡୋଶୀ ମଦନ ବୈରାଗୀ ଅଧରାତିରେ ରେ ଘରକୁ ପ୍ରବେଶ କରିଥିଲେ । ଏତିକିବେଳେ ନୀଳିମା ଙ୍କ ନିଦ ଭାଙ୍ଗିଯିବାରୁ ସେ ଉଠିପଡି ମଦନ କୁ ପ୍ରତିରୋଧ କଲେ । ଗତକାଲି ଏ ନେଇ ଗ୍ରାମରେ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ମଦନ ର ଏଭଳି କାଣ୍ଡ ଯୋଗୁଁ ଗ୍ରାମବାସୀ ବୈଠକକୁ ବାତିଲ କରିଥିଲେ । ଏହାପରେ ଆଜି ପୀଡିତା ନ୍ୟାୟ ପାଇଁ ଏମଭି ୭୯ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଏମଭି୭୯ ଥାନାରେ କେସ୍ ନଂ ୫୭/୨୦ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏମଭି ୭୯ ଥାନା ଅଧିକାରୀ ଜୋହନ ଖୁଜୁର କହିଛନ୍ତି । ଅନ୍ୟପଟେ ମଦନ ମନ୍ଦ ଉଦ୍ଦେଶ୍ୟ ରଖି ପୀଡିତାଙ୍କ ଘରକୁ ଯାଇଥିବାରୁ ପରିବାର ଲୋକ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।

ଧାମରା ବନ୍ଦର ପରିସରରୁ ଅଜଣା ଯୁବକର ଶବ ଉଦ୍ଧାର

ଭଦ୍ରକ, ୫/୯ (ହି.ସ.) - ଧାମରା ନିକଟସ୍ଥ ଆଦାନୀ ବନ୍ଦର ସନିକଟ ଚନ୍ଦନୀପାଳ ଠାରେ ଥିବା ବୈତରଣୀ ନଦୀରେ ଏକ ଅଜଣା ଯୁବକର ଶବ ଧାମରା ସାମୁଦ୍ରିକ ଥାନା ଦ୍ୱାରା ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ଆଦାନୀ ବନ୍ଦର ନିକଟସ୍ଥ ବୈତରଣୀ ନଦୀରେ ଏକ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ଧାମରା ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ । ଖବରପାଇ ଆଜି ଧାମରା ସାମୁଦକ୍ରି ଥାନାଧିକାରୀ ତୁଶୀଲ କୁମାର ମାଝି ଯାଇ ଏହି ଶବକୁ ଉଦ୍ଧାର କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛନ୍ତି । ଏହି ଶବର ଉଦ୍ଧାର ସମୟରେ ଶବର ଦୁଇ ଗୋଡ ଏବଂ ହାତ ବନ୍ଧା ହୋଇଥିବା ବେଳେ ଶବର ଶରୀରରେ ବିଭିନ୍ନ ସ୍ଥାନରେ ବହୁ କ୍ଷତ ସୃଷ୍ଟି ହୋଇଥିବା ଥାନାଧିକାରୀଙ୍କ ନିକଟରୁ ପ୍ରକାଶ । ଉକ୍ତ ଯୁବକ ବୟସ ଆନୁମାନିକ ୨୫ ହୋଇଥିବା ବେଳେ ଏହି ମୃତ ଯୁବକର କୌଣସି ପତା ମିଳି ନାହିଁ ,ସ୍ଥାନୀୟ ଲୋକେ ଏହି ଯୁବକ ଜଣକ ବନ୍ଦର ମଧ୍ୟରେ କାର୍ଯ୍ୟ କରୁଥାଇ ପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଥିବା ବେଳେ ପ୍ରକୃତରେ ସେ କେଉଁ ରାଜ୍ୟର ଯୁବକ ତାହାର ପତା କିଛି ମିଳି ନାହିଁ ବୋଲି ଜଣା ଯାଇଛି । ଏ ନେଇ ଧାମରା ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

ମଡେଲର ଓ ନୂତନ ନିର୍ଦ୍ଦେଶକ ହେବାକୁ ଲକ୍ଷ୍ୟ ରଖିଛି

ବାଲେଶ୍ୱର,୦୫/୦୯(ନି.ପ୍ର): ବାଲେଶ୍ୱର ସିଦ୍ଧେଶ୍ୱର ରାଉତ, ବାପା- ଚନ୍ଦ୍ରମୋହନ ରାଉତ ଓଓ ମାତା ଗିତାଞ୍ଜଳି ରାଉତଙ୍କ ୧୯୯୯ ମସିହା ମାର୍ଚ୍ଚ ମାସ ୩ ତାରିଖରେ କୋଳମଣ୍ଡନ କରିଥିଲେ । ସିଦ୍ଧେଶ୍ୱର ରାଉ ଓରଫ୍ ରାଘବ । ସେ ରେଡକର୍ପୋରେଟ ଦ୍ୱାରା ପରିଚାଳିତ ମଡେଲ Mr. ମହାରାଷ୍ଟ୍ର ୨୦୨୦ ଗ୍ରାଣ୍ଡ ବିଜେତା ହୋଇଛନ୍ତି । ଏହା ସହ ବାଲେଶ୍ୱର ତଥା ରାଜ୍ୟ ପାଇଁ ସେ ଏକ ବିରାଟ ଇତିହାସ ସୃଷ୍ଟି କରିଛନ୍ତି । ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ମାର୍ଚ୍ଚ ୨୦୨୦ରେ Mr. ମହାରାଷ୍ଟ୍ରର ଟାଇଟେଲ୍ ମୁକୁଟ ପିନ୍ଧିଥିବା ବେଳେ, ଜୁଲାଇ ୨୦୨୦ରେ The best Modeler ପୁନେର ଟାଇଟଲ ମଧ୍ୟ ଜିତିଛନ୍ତି । ଆଗାମୀ ଦିନରେ ଚଳଚ୍ଚିତ୍ର ଜଗତରେ ଓ ନୃତ୍ୟ ଜଗତରେର ସଫଳ ଅଭିନେତା ଓ ନୃତ୍ୟ ନିର୍ଦ୍ଦେଶକ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ନିଜର ଉଦ୍ୟମ ପରିଶ୍ରମ ମଧ୍ୟ ଆରମ୍ଭ କରିଦେଇଥିବା କହିଛନ୍ତି । ସିଦ୍ଧେଶ୍ୱରଙ୍କର ଘର ବାଲେଶ୍ୱର ସହରର ସୁଲପଟା ଗ୍ରାମରେ । ପିଲାଟି ଦିନରୁ ମଡେଲିଂରେ ରୁଚି ରଖିଥିବା ସିଦ୍ଧେଶ୍ୱର (ରାଘବ) ନିକଟରେ ୨୦୧୯ INDIAN ARMY ଚାକିରି ଚାଡ଼ିଥିଲେ ଏବଂ ତାଙ୍କ ସ୍ୱପ୍ନ ଦୁନିଆରେ ପାଦ ଥାପିଥିଲେ । 2020 Mr. ମହାରାଷ୍ଟ୍ର, 2020 Mr. ପୁନେର ଟାଇଟଲ ମଧ୍ୟ ଜିତିଥିଲେ । ସିଦ୍ଧେଶ୍ୱରଙ୍କୁ ଏହି ସୁଯୋଗ ରେଡ କର୍ପୋରେରଟ ଆଣି ଦେଇଥିଲା । ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ଅନ୍ୟ ।ଜ୍ୟରୁ ୭୭ ଜଣ ଅଭିଜ୍ଞ ମଡେଲ୍ ଅଂଶ ଗ୍ରହଣ କରିଥିଲେ । ସମସ୍ତଙ୍କୁ ପଛରେ ପକାଇ ସିଦ୍ଧେଶ୍ୱର ରାଉତ ଏହି ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ବହୁ କଷ୍ଟସାଧ କାର୍ଯ୍ୟ ଦିଆଯାଇଥିଲେ ମଧ୍ୟ ସିଦ୍ଧେଶ୍ୱର ସବୁ କାର୍ଯ୍ୟ ସହଜ ରୂପେ ପାରକରି ଏହି ଟାଇଟେଲ ଜିତି ଯାଇଥିଲେ । ସିଦ୍ଧେଶ୍ୱର ସାମାଜିକ କାର୍ଯ୍ୟ କରିବା ସହ ନୃତ୍ୟ ଏବଂ ଅଭିନୟରେ ମଧ୍ୟ ବେଶ୍ ମାହିର ଅଛନ୍ତି । ଅଭିନୟ, ନୃତ୍ୟ ଓ ମଡେଲ ଦୁନିଆ ପାଇଁ ଇଜଗଣ ଚାକିରି ଛାଡ଼ିଥିବା କଥା କହିଛନ୍ତି ସିଦ୍ଧେଶ୍ୱର ।

ଜାତୀୟ ଅନ୍‌ଲାଇନ୍ ଚିତ୍ରକଳା ପ୍ରଦର୍ଶନୀ ଲିଟିଲ୍ ଆର୍ଟ ଚ୍ୟାମ୍ପ ଉଦଘାଟିତ : ପ୍ରଦର୍ଶିତ ହେଲା କରୋନା ସଚେତନତା ଚିତ୍ର

ଭୁବନେଶ୍ୱର,୫।୯ (ନି.ପ୍ର): କରୋନା କାଳରେ ସ୍କୁଲ୍ ଓ କଲେଜ ପାଠ ପଢା ଏକପ୍ରକାର ବନ୍ଦ । ଏଭଳି ସମୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳ ଚିନ୍ତାଧାରାର ବିକାଶ ଏବଂ ସେମାନଙ୍କ ଦ୍ୱାରା ଅଙ୍କିତ ଚିତ୍ର କଳା ଦ୍ୱାରା ସମାଜକୁ ସକରାତ୍ମକ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ଇଣ୍ଡିଆ ଟୁରିଜିମ୍ ସହଯୋଗରେ ଆୟୋଜିତ ହୋଇଯାଇଛି 'ଲିଟିଲ୍ ଆର୍ଟ ଚ୍ୟାମ୍ପ' ଶୀର୍ଷକ ଜାତୀୟ ଚିତ୍ରକଳା ପ୍ରତିଯୋଗିତା ତଥା ପ୍ରଦର୍ଶନୀ । ଏହି ପ୍ରଦର୍ଶନୀକୁ ଅନ୍‌ଲାଇନ୍ ମାଧ୍ୟମରେ ବରିଷ୍ଠ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକି, ଇଣ୍ଡିଆ ଟୁରିଜିମ୍‌ର ଅତିରିକ୍ତ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କି ଓ ଅନିଲା ଆର୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ଶିଳ୍ପୀ ଶଶଧର ପତି ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଫଂଚାନନ ସାମଲ ଅତିଥି ପରିଚୟ ସହ ପ୍ରଦର୍ଶନୀ ସମ୍ପର୍କରେ ବିସ୍ତୃତରେ କହିଥିଲେ ଓ ସମ୍ପାଦକ ମିହିରକାନ୍ତ ପ୍ରହରାଜ ସାମ୍ପ୍ରତିକ ସମୟରେ ଅନ୍‌ଲାଇନ୍ ପ୍ରଦର୍ଶନୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ରାଜ୍ୟରୁ ମୋଟ ୨୨୦ଟି ଶିଶୁ ଓ ଯୁବଶିଳ୍ପୀଙ୍କ ଚିତ୍ରକଳା ଏଥିରେ ପ୍ରଦର୍ଶିତ ହୋଇଥିଲା । ଏଥିମଧ୍ୟରୁ ୪୪ଟି ଚିତ୍ରକଳା ପ

ବର୍ଷାଦିନେ ପିଲା ଓଦା ହେଲେ

ମୌସୁମୀ ହେଉ ଅବା ଲଘୁଚାପ ବର୍ଷା ପ୍ରକୋପ ଏବେ ଆମ ସମସ୍ତେ ଅନୁଭବ କରୁଛେ । ଯଦିଓ ଏ ବର୍ଷ ବିଶେଷ ବର୍ଷା ହୋଇନାହିଁ, ଏମିତିକି ଶ୍ରାବଣ ମାସରେ ପ୍ରଚଣ୍ଡ ଖରାର ତାତି ଆମକୁ ଅସ୍ତବ୍ୟସ୍ତ କରିଦେଇଥିଲା । ତେବେ ଏଇ କିଛି ଦିନ ହେଲା ଲଘୁଚାପ କାରଣରୁ ବର୍ଷା ଆମକୁ ଆଶ୍ୱସ୍ତି ଦେଇଛି । ବର୍ଷା ଯଦିଓ ମଙ୍ଗଳକାରୀ ଋତୁ; ତେବେ ପିଲାଏ ବର୍ଷାରେ ଭିଜିଲେ ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଭୋଗନ୍ତି । ଆସନ୍ତୁ ଜାଣିବା ପିଲାଏ ବର୍ଷାରେ ଓଦା ହେଲେ କି ସମସ୍ୟା ସୃଷ୍ଟି ହୁଏ, ଆଉ ତାହାକୁ କିଭଳି ଦୂର କରିବା ।

ବର୍ଷାଦିନେ ଛୋଟପିଲାମାନେ ବର୍ଷାରେ ଭିଜିବାକୁ ଭାରି ଖୁସି ଅନୁଭବ କରନ୍ତି । ପିଲାମାନେ ବର୍ଷାରେ ଭିଜି ଖେଳି ବୁଲନ୍ତି, ଡଙ୍ଗା ଭସାନ୍ତି ଆଉ ବିଦ୍ୟାଳୟକୁ ଯିବା ଆସିବା ବେଳେ ବି ରେନ୍‌କୋଟ ବା ଛତା ଥିଲେ ମଧ୍ୟ କେତେକ ପିଲା ବର୍ଷାରେ ଭିଜିବାକୁ ଭାରି ଭଲ ପାଆନ୍ତି । ପିଲାମାନେ ସେମାନଙ୍କ ଭାବନାରେ ଜାଣିନଥିଲେ ବି ଏହି ଭିଜା ବର୍ଷା ସେମାନଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ କେତେ ଯେ କ୍ଷତିକାରକ ତାହା ସେମାନେ ଜାଣିବା ବେଳକୁ ପିଲାଟି ରୋଗଯନ୍ତ୍ରଣାରେ ଝଟପଟ ହେବା ସାର ହୋଇଥାଏ । ଏ କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ବାପା ମା' ବା ଅଭିଭାବକମାନଙ୍କର । ସେହିପରି ବିଦ୍ୟାଳୟର ଗୁରୁଜୀ, ଗୁରୁମା' ବା ଟ୍ୟୁସନ ସାରଙ୍କର ମଧ୍ୟ ସଚେତନ କରିବାର ଭୂମିକା ରହିଛି । ପିଲାମାନେ ଅମାନିଆ ହେଉଥିଲେ ବି ସେମାନଙ୍କୁ ବୁଝାଇ କହିଲେ ନିଶ୍ଚିତ ଭାବରେ ସେମାନେ ଅନୁଭବ କରି ବୁଝିବାକୁ ବେଶ୍ ସକ୍ଷମ ହୋଇଥାନ୍ତି । ପିଲାଟି ଯଦି ବର୍ଷାରେ ଭିଜି ଯାଇଥାଏ । ତେବେ ଆଦୌ ବିଳମ୍ବ ନକରି ତୁରନ୍ତି ତା' ଦେହରୁ ଓଦା ସାର୍ଟ ପ୍ୟାଣ୍ଟ ଖୋଲି ଦିଅନ୍ତୁ । ତା'ପରେ ତାକୁ ଭଲ ଭାବରେ ଶୁଖିଲା ସଫା କପଡ଼ାରେ ପୋଛାପୋଛି କରନ୍ତୁ ।

ବର୍ଷାରେ ଭିଜିବା ବା ଓଦା ହେବା ପୂର୍ବରୁ ପିଲାଟି ଦେହରେ ଜ୍ୱର, ନିମୋନିଆ ଥିଲେ ଏହା ଅତ୍ୟନ୍ତ ଚିନ୍ତଜନକ ହୋଇଥାଏ । କାରଣ ପରବର୍ତ୍ତୀ ସମୟରେ ପିଲାଟିର ଦେହ ଅଧିକ ଖରାପ ହେବାର ଆଶଙ୍କା ରହିଥାଏ । ସତର୍କତା ଅବଲମ୍ବନ କଲେ ବର୍ଷାଋତୁ ପିଲାମାନଙ୍କ ପାଇଁ ନିଶ୍ଚିତଭାବେ ଖୁସି ଓ ଆନନ୍ଦର ଋତୁ ହେବ ।

କେତେକ କ୍ଷେତ୍ରରେ ବାପା-ମା' ମାନେ ଭିଜିଲା ପରେ ସାର୍ଟପ୍ୟାଣ୍ଟ ଖୋଲି ପିଲାଟିକୁ ଗାଧୋଇ ଦେବାକୁ ଉଚିତ ମନେ କରିଥାନ୍ତି କିନ୍ତୁ ଏହା ପିଲାଟିର ଶରୀର ପାଇଁ ଘାତକ ହୋଇପାରେ । ସହଜେ ପିଲାଟି ବର୍ଷାରେ ତିନ୍ତି ଓଦା ଜଡ଼ସଡ଼ ଅବସ୍ଥାକୁ ପୁଣି ଗାଧୁଆ ପାଣି ନିଶ୍ଚିତ ଭାବରେ ସେମାନଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏପରି କ୍ଷେତ୍ରରେ ପିଲାଟିକୁ ଜ୍ୱର ହେବାର ଆଶଙ୍କା ବି ରହିଥାଏ । ସେହିପରି ପିଲାଟିକୁ ଫୁଟାପାଣି କିମ୍ବା ଭଲ ଭାବେ ବିଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ । ବର୍ଷାଦିନେ ପିଲାମାନଙ୍କ ପାଇଁ ଫୁଟା ସୁଶୀତଳ ପାଣି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ପିଲାଟି ବର୍ଷାଦିନେ ଯେପରି ନ ଭିଜିବ ସେଥିପ୍ରତି ସତର୍କ ଦୃଷ୍ଟି ଦେଇ ପିଲାଟିକୁ ସଚେତନ କରାନ୍ତୁ । ବର୍ଷାଦିନେ ପିଲାମାନେ ଘରେ ନବସି ବଙ୍ଗ ଓଦା ହୋଇ ଖେଳିବାକୁ ଭଲ ପାଆନ୍ତି । କେତେକ ପିଲା ଫୁଟବଲ ବା ଦୌଡ଼ାଦୌଡ଼ି, ଡଙ୍ଗାଭସା ନହେଲେ ଗୋଡ଼ରେ ପାଣି ସୁଅକୁ ଠେଲିଠାଲି ମଜା ନେବାରୁ ବେଶ୍ ଖୁସି ପାଆନ୍ତି କିନ୍ତୁ ଏହା ସେହି ପିଲାମାନଙ୍କ ପାଇଁ ଆଦୌ ଭଲ ନୁହେଁ ।

ପିଲାମାନେ ବର୍ଷାଦିନେ ବାହାରେ ଖେଳିବା ମାନେ ନିଶ୍ଚିତ ଭଙ୍ଗରେ ସେମାନଙ୍କର ଶରୀର ସହ ହାତ ମଧ୍ୟ ଅପରିଷ୍କାର ହୋଇଥାଏ । ତେଣୁ ପିଲାଟି ବାହାରୁ ଆସିବା ପରେ ତାକୁ ଭଲ ସାବୁନରେ ହାତ ଓ ପାଦ ଧୋଇବା ପାଇଁ ଦିଅନ୍ତୁ । ଖାଇବା ପୂର୍ବରୁ ନିଶ୍ଚିତ ଭାବରେ ହାତ ଓ ନଖକୁ ଯେପରି ପରିଷ୍ଆାର କରିଥାଏ ସେଥିପ୍ରତି କେବଳ ଘରର ଗୁରୁଜନଙ୍କ ସହିତ ବାପା-ମା'ଙ୍କ ସଚେତନ ଭୂମିକା ଜରୁରୀ । ବର୍ଷା ଦିନେ ପିଲାଟିର ନଖ ଭଲ ଭାବରେ ସଞ୍ଚଫା ସୁତରା ରଖନ୍ତୁ । ନିୟମିତ ବ୍ୟବଧାନରେ ନଖ କାଟନ୍ତୁ ଓ ନଖ ଭିତର ମଳିକୁ ଏଣୁ ତେଣୁ ଛୁଞ୍ଚି ବା ସେଫ୍ଟିପିନ୍‌ରେ ସଫା ନକରି ଭଲ ତୁଳାରେ ପରିଷ୍ଆାର କରନ୍ତୁ । ପିଲାଟିର ନଖ ଭିତରେ ଜୀବାଣୁ ଜମି ରହି ତା'ର ପେଟ ଭିତରକୁ ଯିବାର ଆଶଙ୍କା ରହିଥାଏ, ଯାହାଦ୍ୱାରା ପିଲାଟିର ପେଟ ରୋଗ ବି ଦେଖାଯାଏ । ବର୍ଷାଦିନେ ମଶାରୀ ଟାଙ୍ଗି ଶୋଇବା ଅଭ୍ୟାସ ସବୁଠାରୁ ଭଲ । ମଶା ଧୂଆ ଅପେକ୍ଷା ଏହା ଏକ ଭଲ ଅଭ୍ୟାସ । ପ୍ରତି ତିନି ବର୍ଷରେ ଥରେ ପିଲାଟିକୁ ଟାଇଫଏଡ୍ ଟୀକା ଦିଅନ୍ତୁ । ବର୍ଷା ଦିନଟି ପିଲାମାନଙ୍କ ପାଇଁ ଖୁସିବାସିର ଋତୁ ହୋଇଥିଲେ ବି ବାସ୍ତବରେ ଏହି ଋତୁଟି ପିଲାମାନଙ୍କ ପାଇଁ କେତେକ ସମସ୍ୟା ଓ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିଥାଏ । ବର୍ଷା ଦିନେ ବର୍ଷାର ପ୍ରଥମ ଅସରା ପିଲାଙ୍କ ମୁଣ୍ଡରେ ପଡ଼ିଥାଏ । ବର୍ଷାଦିନେ ଜଳବାୟୁରେ ଆର୍ଦ୍ରତା ରହୁଥିବାରୁ ପିଲାମାନଙ୍କୁ ଥଣ୍ଡା ଧରିବା ସହିତ ଚର୍ମ ସମ୍ବନ୍ଧୀୟ ସମସ୍ୟା ବି ଦେଖାଯାଇଥାଏ ।

ବର୍ଷାଦିନେ ଓଦା ହେବା ସମୟରେ ପିଲାଙ୍କ ଦେହରେ ଥିବା କୌଣସି ଘା' ସିଧାସଳଖ ଭାବେ ବର୍ଷାରେ ତିନ୍ତିଲେ ବା ବ୍ୟାଣ୍ଡେଜ ବି ତିନ୍ତିଲେ ତାହା ସୋମନଙ୍କ ଘା'କୁ ସଂକ୍ରମଣ କରିବାର ସମ୍ଭାବନା ଥାଏ । ସେ କ୍ଷେତ୍ରରେ ତୁରନ୍ତ ଉଷୁମ ପାଣିରେ ଡେଟଲ୍ ଟିକେ ପକାଇ ଘା' ସ୍ଥାନଟିକୁ ସଫା କରିଦେବା ଭଲ ବା ବେଶି ଭିଜିନଥିଲେ ବିଶୋଧିତ ଗଜରେ ସଫା କରିପାରନ୍ତି । ବର୍ଷାର ଧାରା ପିଲାମାନଙ୍କ ଆଖି ଉପରେ ମାଡ଼ ହେବା ଦ୍ୱାରା ପିଲାଙ୍କୁ ମଜା ଲାଗୁଥିଲେ ବି ପରବର୍ତ୍ତୀ ସମୟରେ ଏହା ଡୋଳାକୁ ଲାଲ କରିବା ସହ ଆଖିରୁ ପାଣି ବୋହିବା, ଲେଞ୍ଜରା ସୃଷ୍ଟି ହୋଇଥାଏ । ଏଭଳି କ୍ଷେତ୍ରରେ ପିଲାଟିକୁ ଚକ୍ଷୁ ବିଶେଷଜ୍ଞଙ୍କ ନିକଟକୁ ନେବାକୁ ହୋଇଥାଏ । କୌଣସି କାରଣରୁ ଅଳ୍ପ ପରିମାଣର ଭିଜିଗଲେ ସଙ୍ଗେ ସଙ୍ଗେ ପିଲାଟିକୁ ପୋଛାପୋଛି କରି ସଫାସୁତୁରା ଲୁଗାପଟା ପିନ୍ଧିବାକୁ ଦିଅନ୍ତୁ । ଏଭଳି କ୍ଷେତ୍ରରେ ବିଶେଷ ଅସୁବିଧା ହୋଇନଥାଏ । ତେବେ ଅଧିକ ସମୟ ବା ବାରମ୍ବାର ଭିଜିବା ଦ୍ୱାରା ନିଶ୍ଚିତ ଭାବେ ପିଲାଟିର ଦେହ ଖରାପ କରିଥାଏ । ବର୍ଷାରେ ଭିଜିବା ବା ଓଦା ହେବା ପୂର୍ବରୁ ପିଲାଟି ଦେହରେ ଜ୍ୱର, ନିମୋନିଆ ଥିଲେ ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଥାଏ । କାରଣ ପରବର୍ତ୍ତୀ ସମୟରେ ପିଲାଟିର ଦେହ ଅଧିକ ଖରାପ ହେବାର ଆଶଙ୍କା ରହିଥାଏ । ବର୍ଷାଋତୁକୁ ପ୍ରାକୃତିକ ଦୃଷ୍ଟିକୋଣରୁ ସୁନ୍ଦର ଋତୁ ଭାବରେ ବିବେଚନା କରାଯାଏ । ସତର୍କତା ଅବଲମ୍ବନ କଲେ ବର୍ଷାଋତୁ ପିଲାମାନଙ୍କ ପାଇଁ ନିଶ୍ଚିତଭାବେ ଖୁସି ଓ ଆନନ୍ଦର ଋତୁ ହେବ ।

ଟ୍ରେଣ୍ଡରେ ଓଡ଼ିଆ ଟି-ଶାର୍ଟ

ସମୟ ସହ ଯୁବପିଢ଼ିଙ୍କ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ସବୁବେଳେ ବଦଳିଥାଏ । ଠିକ୍ ଯେମିତି ବର୍ତ୍ତମାନ ଅନେକ ଯୁବତୀଯୁବକ ମେସେଜ୍ ଟି-ଶାର୍ଟ ପିନ୍ଧିବାକୁ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଆଉ ଏମିତିରେ ଏବେ ନିଜ ମାତୃଭାଷା ଓଡ଼ିଆରେ କିଛି ଢଗ ଢମାଳି ଲେଖାଥିବା ଟି-ଶାର୍ଟ ସେମାନଙ୍କ ଲାଗି ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ...

ମଣିଷ ଯେତେ ଉଚ୍ଚ ଶିକ୍ଷିତ ହୋଇଥାଉ ନା କାହିଁକି, ନିଜ ଆଞ୍ଚଳିକ ଭାଷା ପ୍ରତି ଥିବା ମୋହ କେବେ କମେନି । ବୋଧହୁଏ ସେଥିପାଇଁ ବର୍ତ୍ତମାନ ଓଡ଼ିଆ ମେସେଜ୍ ଥିବା ଟି-ଶାର୍ଟ ଯୁବପିଢ଼ିଙ୍କ ଲାଗି ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ । ବିଶେଷ କରି ଟି-ଶାର୍ଟ ଉପରେ ଆମେ ଓଡ଼ିଆ ଭାରି ବଢ଼ିଆ, ଗୋଟେ ଖୁସି ଆଉ, ନୋକାଲ ଟୋକା, ଖାଣ୍ଟି କଟକିଆ, ଆପଣମାନେ ଖୁସି

ତ, ଭାରି ଜିଦିଆ, ଦୂରରୁ ନମସ୍କାର, ମୁଁ ନଥବଲେ ତ କିଛି ହବନି ଆଉ ଭଳି ଲେଖା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଆଉ ଏହି ଓଡ଼ିଆ ମେସେଜ୍ ଟି-ଶାର୍ଟ ପ୍ରସ୍ତୁତ କରିବାର ଅଭିନବ ପ୍ରୟାସ କରିଛନ୍ତି କଟକର କେତେଜଣ ଯୁବପିଢ଼ି । କେବଳ ଆମ ରାଜ୍ୟ ନୁହେଁ ରାଜ୍ୟ ବାହାରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କ ମଧ୍ୟରେ ବି ଏହାର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି । ଯାହାକୁ ଆଖିଆଗରେ ରଖି ଗ୍ରାହକଙ୍କ ପାଖରେ ଅଧିକରୁ ଅଧିକ ଏଭଳି ଟି-ଶାର୍ଟ ସହଜରେ ପହଞ୍ଚାଇବା ଲାଗି ଏହାର ଏକ ୱେବସାଇଟ୍ ମଧ୍ୟ ଖୋଲାଯାଇଛି । ଦିନକୁ ଦିନ ଏହି ଓଡିଟିଜ୍‌ର ଲୋକପ୍ରିୟତା ବଢୁଥିବାର ଦେଖିବାକୁ ମିଳଛି ।

ପାର୍ଲରରେ ପ୍ରିୟା



ପ୍ରିୟା ପ୍ରକାଶ ୱାରିୟର । ଆଖି ମାରିବା ପାଇଁ ସେ ବେଶ୍ ଚର୍ଚ୍ଚିତ । ନିଜ ଆଖିର ଯାଦୁରେ ରାତାରାତି ଷ୍ଟାର ପାଲଟି ଯାଇଥିଲେ ପ୍ରିୟା । ଏବେ ଏହି ଅଭିନେତ୍ରୀ ଜାତୀୟ ସ୍ତରରେ ବେଶ୍ ପରିଚିତ । ସେଦିନର ସେହି ଆଖିମରା ଭିଡିଓ ଆଜିବି ଦର୍ଶକଙ୍କ ମନରେ ରହିଯାଇଛି । ଏହାପରେ ପ୍ରିୟା ସମୟ ସମୟରେ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ପାଇଁ କିଛି ଭିଡିଓ ଅପଲୋଡ କରିଥାଆନ୍ତି । ଯେଉଁଥିରେ ତାଙ୍କ ଡ୍ୟାନ୍ସ ଓ ଏକ୍ସପ୍ରେଶନକୁ ଖୁବ୍ ପ୍ରଶଂସା କରାଯାଏ । ନିକଟରେ ସେ ନିଜ ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି । ଯାହା ପୁଣିଥରେ ଚର୍ଚ୍ଚାକୁ ଆସିଛି । ଏହି ଭିଡିଓରେ ସେ ଏକ ପାର୍ଲରରେ ବସିଥିବା ଦେଖାଯାଇଛି । ଆଉ ସେଠାରେ ସେ ତାଙ୍କ ଆଖିର ଯାଦୁ ଦେଖାଉଛନ୍ତି । ସେଠାରେ ସେ କେଶ କାଟିବାକୁ ବସିଥିବା ବେଳେ ବୋର୍ ହୋଇଯାଇ ସେ ତାଙ୍କର ଆଖିର ଯାଦୁ ଦେଖାଇ ଏହାର ଭିଡିଓ ପ୍ରସ୍ତୁତ କରୁଛନ୍ତି । ତେବେ କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସେ ପିପିଇ କିଟ୍ ପିନ୍ଧି ବସିଥିବା ଦେଖାଯାଇଛି । ଆଉ ପ୍ରିୟାଙ୍କର ଏଭଳି ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି ।

୫ ବର୍ଷ ପରେ ଫେରିବେ ବିପାଶା

ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିର ବ୍ଲାକ୍ ବିୟୁଟି ଭାବେ ବିପାଶା ବସୁଙ୍କୁ କିଏ ନ ଜାଣେ । ଦୁଇ ଦଶକ ଧରି ସିନେ ଜଗତରେ ରାଜ୍ କରିଥିବା ବିପାଶା ପୁଣିଥରେ ପରଦାକୁ ଫେରିଛନ୍ତି । ସ୍ୱାମୀ କରନ ସିଂ ଗ୍ରୋଭରଙ୍କ ସହ 'ଡେଞ୍ଜରିୟସ୍'ରେ ସେ ନଜର ଆସୁଛନ୍ତି । ବିବାହ ପରେ ଅଭିନୟରୁ ଦୂରେଇ ଯାଇଥିବା ବିପାଶା ପାଞ୍ଚ ବର୍ଷ ପରେ ପୁଣି ଫେରିବାକୁ ନେଇ ଉତ୍ସାହିତ ଅଛନ୍ତି । ହେଲେ ବିପାଶାଙ୍କ ପାରମ୍ପରିକ ଅଭିନୟ ଜୀବନ ସଂଘର୍ଷପୂର୍ଣ୍ଣ ଥିଲା । ଏପରିକି ତାଙ୍କୁ କାଷ୍ଟିଂ କାଉଚ୍‌ର ସାମ୍ନା କରିବାକୁ ପଡ଼ିଥିଲା ବୋଲି ସେ ତାଙ୍କୁ ତାଙ୍କ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି । 'ଡେଞ୍ଜରିୟସ'ର ପ୍ରମୋଶନରେ ବ୍ୟସ୍ତ ଥିବା ବିପାଶା ନିଜର ଅତୀତକୁ ମନେ ପକାଇଛନ୍ତି । କ୍ୟାରିୟର ଆରମ୍ଭ ସମୟରେର ତାଙ୍କୁ ଯୌନଶୋଷଣର ଶିକାର ହେବାକୁ ପଡ଼ିଥିଲା । ଖରାପ ବ୍ୟବହାର ସହି ପାରୁ ନଥିଲେ ସେ । ଜଣେ ଲୋକପ୍ରିୟ ଫିଲ୍ମନିର୍ମାତା ତାଙ୍କ ସହ ଅସଭ୍ୟ ବ୍ୟବହାର କରିଥିଲେ । ତାଙ୍କ ସହ ବିପାଶା ଏକ ଚଳଚ୍ଚିତ୍ରରେ କାମ କରିବାକୁ ହଁ ଭରିଥିଲେ । ଏପରିସ୍ଥଳେ ସେ ଏକଦା ଘରକୁ ଫେରିବା ପରେ ତାଙ୍କୁ ଏକ ମେସେଜ ମିଳିଥିଲା ।

ସେଥିରେ ଲେଖାଥିଲା 'ତୁମ ହସକୁ ମନେ ପକାଉଛି' । ଏହା ପଢ଼ି ବିପାଶାଙ୍କୁ ଅଜବ ଲାଗିଥିଲା । ହେଲେ ସେ ଏହାକୁ ଅଣଦେଖା କରିଥିଲେ । କିଛିଦିନ ପରେ ପୁଣି ଥରେ ନିର୍ମାତା ଜଣଙ୍କୁ ତାଙ୍କୁ ସମାନ ମେସେଜ୍ ପଠାଇଥିଲେ । ବିପାଶା ଏଥିରେ ରାଗିଯାଇ ଫିଲ୍ମ ପାଇଁ ନେଇଥିବା ଟଙ୍କା ଫେରାଇଇ ଦେବାକୁ ତାଙ୍କ ସେକ୍ରେଟେରୀଙ୍କୁ କହିଥିଲେ । ଏପରିକି ସେ ନିର୍ମାତାଙ୍କ ସହ କାମ କରିବାକୁ ଚାହୁଁ ନଥିବା ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ । ଏହା ଜାଣିବା ପରେ ନିର୍ମାତା ଜଣକ ଟଙ୍କା ଫେରାଇବା ଦରକାର ନାହିଁ ବୋଲି କହିଥିଲେ । ସେବେଠାରୁ ତାଙ୍କ ପାଖକୁ ଆଉ ଖରାପ ମେସେଜ୍ ଆସି ନଥିବା ବିପାଶା କହିଛନ୍ତି ।

ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିଲେ

ଆଜିର ଯୁବପିଢ଼ି ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ପାଇଁ ବିଭିନ୍ନ ପ୍ରକାର ଉପାୟ ଆପଣେଇବାକୁ ପଛାଉ ନାହାନ୍ତି । ବିଶେଷ କରି ସେମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧନ ବା ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଏସବୁ ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି, ସେ ଦିଗରେ ସେମାନେ ସଚେତନ ନାହାନ୍ତି...

♦ଯୁବପିଢ଼ିଙ୍କର ସାଧାରଣତଃ ଅନ୍ୟଠୁ ସୁନ୍ଦରର ଏବଂ ଆକର୍ଷଣୀୟ ଦେଖାଯିବାକୁ ନେ ଏକ ପ୍ରତିଯୋଗିତାମୂଳକ ଭାବନା ରହିଥାଏ । ତେଣୁ ସେମାନେ ଅନ୍ୟଠାରୁ ଅଧିକ ଗୋରା ହେବା ନିଶାରେ ବିଭିନ୍ନ କମ୍ପାନୀର ଫେୟାର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଇନ୍‌ଷ୍ଟାଣ୍ଟ ଫେଆରନେସ୍ ଦେଉଥିବା ଏହି କ୍ରିମ୍‌ଗୁଡ଼ିକରେ ବ୍ୟବହାର କରାଯାଉଥିବା ମର୍‌କ୍ୟରୀ, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ପରବର୍ତ୍ତୀ ସମୟରେ ତ୍ୱଚାକୁ ହାନି ପହଞ୍ଚାଇଥାଏ । କେବଳ ଏତିକି ନୁହେଁ, କେତେକ ଫେଆର୍‌ନେସ୍ କ୍ରିମ୍‌ରେର ଏକ୍‌ଜିମା ଭଳି ରୋଗର ଔଷଧରେ ବ୍ୟବହୃତ ଷ୍ଟିରଏଡ୍‌ର ଯଥେଷ୍ଟ ଅଧିକ ଗୁଣ ଷ୍ଟିରଏଡ୍ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଇଛି ।

ଅଷ୍ଟ୍ରେଲିଆନ୍ ପବ୍ଲିକ୍ ହିଟାଲ୍ ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରିଛି ।

♦ସେହିପରି ବିଭିନ୍ନ କଲର ବା ସେଡ୍‌ର ଲିପ୍‌ଷ୍ଟିକ୍ ବିନା ବର୍ତ୍ତମାନ ଯୁବତୀଙ୍କର ଯେମିତି ମେକ୍‌ଅପ୍ ଅଧୁରା । ହେଲେ କେତେକ ଲିପ୍‌ଷ୍ଟିକରେ ମିଶା ଯାଉଥିବା ଲେଡ୍ ବା ସୀସା ଶରୀର ପାଇଁ ହାନିକାରକ ।

♦ପରଫେକ୍ଟ ଲୁକ୍ ପାଇଁ ବର୍ତ୍ତମାନ ଯୁବତୀଯୁବକ ବିଭିନ୍ନ ପ୍ରକାର ହେୟାର କଟିଂ, ଷ୍ଟ୍ରେଟ୍‌ନିଂ, କଲରିଂ ପ୍ରତି ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ହେଲେ ଏସବୁ କରିବା ଲାଗି ବ୍ୟବହାର ହେଉଥିବା ପ୍ରଡକ୍ଟରେ ଥିବା କ୍ଷତିକାରକ କେମିକାଲ୍ ପରବର୍ତ୍ତୀ ସମୟରେ କେଶ ଝଡ଼ିବା, ପାଚିବା ସହ ଚନ୍ଦାପଣ ଭଳି ସମସ୍ୟାର କାରଣ ସାଜୁଛି ।

♦ସେହିପରି ଯୁବତୀମାନେ ନିଜ ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କଲରର ନେଲ୍‌ପେଣ୍ଟ ଲଗାଇବା କିମ୍ବା ଏଥିରେ ଡେକୋରେଟିଭ୍ ନେଲ୍ ଆର୍ଟ ଡିଜାଇନ୍ କରିବା ଲାଗି ସେମାନେ ଖୁବ୍ ପସନ୍ଦ କରିଥାନ୍ତି । ହେଲେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଆଣ୍ଡ ଦି କ୍ୟାନ୍ସର ପ୍ରିଭେନ୍ସର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାଲିଫର୍ନିଆର ପ୍ରଫେସର୍ ଡା. ଥୁ କ୍ୱାଚ୍‌ଙ୍କ କହିବା ଅନୁଯାୟୀ, କେତେକ ନେଲ୍‌ପଲିସ୍‌ରେ ବ୍ୟବହାର କରାଯାଉଥିବା ଟଲୋଏ୍ନିନ୍, ଫର୍ମାଲ୍‌ଡିହାଇଡ୍, ଡାଇବୁଟାଇଲ୍ ଥାଲେଟ୍ ଭଳି ତିନୋଟି ବିଷାକ୍ତ ରାସାୟନିକ ରହିଛି, ଯାହା କି କ୍ୟାନ୍ସରର ଆଶଙ୍କା ସୃଷ୍ଟି କରିବା ସହିତ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ କରିଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସୁଧାରିବ କେବେ ?...

ତମାମ ବିଶ୍ୱରେ କରୋନା ସଂକ୍ରମଣ ପ୍ରାୟ ସମସ୍ତଙ୍କର ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିସାରିଲାଣି । ଏମିତି କୌଣସି ଗୋଟିଏ ଦେଶ ନାହିଁ; ଯାହାର କି ଅର୍ଥନୀତିକୁ କରୋନା ସଂକ୍ରମଣ ଗଡ଼ବଡ଼ କରିଦେଇନି । ସାମାଜିକ ତଥା ଅର୍ଥନୈତିକ ଧକ୍କା ଖାଇବା ପରେ ବିଶ୍ୱର ସମସ୍ତ ଦେଶ କିଭଳି ଅଣ୍ଟା ସଳଖି ଛିଡ଼ା ହେବେ, ସେ ନେଇ ଚାଲିଛି ବିଚାର ବିମର୍ଶ । ପ୍ରଥମେ କରୋନା ସଂକ୍ରମଣ ଓ ତାହା ସୃଷ୍ଟ କରିଥିବା ବିଷବଳୟରୁ ବିଶ୍ୱବାସୀଙ୍କୁ କିଭଳି ରକ୍ଷା କରିହେବ, ସେହି ଚିନ୍ତାରେ ରାଷ୍ଟ୍ରନାୟକମାନେ ମୁଣ୍ଡ ଖଟାଉଛନ୍ତି । ତାହା ସହସା କିଛି ସୁଫଳ ମିଳିବାରେ ସାହାଯ୍ୟ କରିବ, କୁହାଯାଇ ପାରୁନାହିଁ । ମାତ୍ର ସବୁ କ୍ଷେତ୍ରରେ ଗୁଳା ବାହାରକୁ ଚାଲିଯାଇଥିବା ବ୍ୟବସ୍ଥାକୁ ସଜାଡ଼ିବା ସକାଶେ ବେଶ୍ କିଛି ସମୟ ଲାଗିଯିବା ଥୟ । ବାହାର ଦେଶଗୁଡ଼ିକରେ କରୋନାଜନିତ ବିଗିଡ଼ିଯାଇଥିବା ଅର୍ଥନୀତିର ସାମଗ୍ରିକ ପ୍ରତିକୂଳ ପ୍ରଭାବରୁ ଏମିତି କେଉଁ ଦେଶ ନାହିଁ, ଯିଏକି ମୁକ୍ତ ହୋଇ ରହିପାରିବ । ଭାରତ ସମେତ ତୃତୀୟ ବିଶ୍ୱର ଅନେକ ରାଷ୍ଟ୍ର ବିଭିନ୍ନ କାରଣରୁ ପ୍ରତିକୂଳତା ମଧ୍ୟଦେଇ ଗତି କରୁଛନ୍ତି । କୋଭିଡ ପ୍ରଭାବ ପାଇଁ ସମସ୍ତଙ୍କର ବିଗିଡ଼ି ଯାଇଥିବା ଆର୍ଥିକ ସ୍ଥିତି ନେଇ କ'ଣ ସୁଧାର ପନ୍ଥା ଗ୍ରହଣ କରିହେବ, ସେ ବାବଦରେ ବହୁ କିଛି ଅନୁଶୀଳନ ଚାଲିଛି । କିନ୍ତୁ ଏକବିଂଶ ଶତାବ୍ଦୀରେ ଏହି କାଳଖଣ୍ଡ ଯେମିତି

> ଭାରତ ସରକାର ଏହି ଭୂତାଣୁ ବିରୋଧରେ ସର୍ବାତ୍ମକ ଲଢ଼େଇର ରୋଡମ୍ୟାପ୍ ଅନୁସରଣ କରି ସମସ୍ତ ରାଜ୍ୟକୁ ସେହି ଅନୁସାରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି । ତାହା ବ୍ୟତୀତ ଆପଣା ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବା ସକାଶେ ମଧ୍ୟ ପରାମର୍ଶ ଦିଆଯାଉଛି । ଲକ୍‌ଡାଉନ୍ ଅପସାରଣ ପରେ ବିଭିନ୍ନ ପର୍ଯ୍ୟାୟରେ ଅନ୍-ଲକ୍ ପ୍ରକ୍ରିୟା ଚାଲିଛି ।

ଅସ୍ୱାଭାବିକ ରାସ୍ତା ଦେଇ ଗତି କରୁଛି । ଭାରତ ସରକାର ଏହି ଭୂତାଣୁ ବିରୋଧରେ ସର୍ବାତ୍ମକ ଲଢ଼େଇର ରୋଡମ୍ୟାପ୍ ଅନୁସରଣ କରି ସମସ୍ତ ରାଜ୍ୟକୁ ସେହି ଅନୁସାରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି । ତାହା ବ୍ୟତୀତ ଆପଣା ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବା ସକାଶେ ମଧ୍ୟ ପରାମର୍ଶ ଦିଆଯାଉଛି । ଲକ୍‌ଡାଉନ୍ ଅପସାରଣ ପରେ ବିଭିନ୍ନ ପର୍ଯ୍ୟାୟରେ ଅନ୍-ଲକ୍ ପ୍ରକ୍ରିୟା ଚାଲିଛି । ସ୍ଥଳବିଶେଷରେ ହୋଟେଲ, ରେସ୍ତେରାଁ ଖୋଲାଯିବା, ବିମାନ ଓ ରେଳ ଚଳାଚଳ ପାଇଁ ପର୍ଯ୍ୟାୟ କ୍ରମିକ ପ୍ରାବଧାନ ସୂଚିତ କରୁଛି କି, ଶତପ୍ରତିଶତ ଭୂତାଣୁ ସଂକ୍ରମଣକୁ ଲୋପ କରାଯାଇ ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ଏବେଠାରୁ ଆଶା କରାଯିବା ଠିକ୍ ହେବନାହିଁ । ସତର୍କତା ରକ୍ଷା ହେଉଛି କରୋନା ବିରୋଧୀ ସଂଗ୍ରାମର ଏକମାତ୍ର ମନ୍ତ୍ର । ସାମାଜିକ ଦୂରତ୍ୱ ରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ଭିତରେ ଶିଳ୍ପ ଅର୍ଥନୀତିକୁ ଉଚିତ ରାସ୍ତା ଦେଖାଇହେବ ସେଥିପାଇଁ ବ୍ୟବସ୍ଥା କରାଯାଉଛି । ଆମ ରାଜ୍ୟରେ ଅର୍ଥନୀତିକୁ ଅଧିକ ଶକ୍ତ କରିବା ପାଇଁ ବହୁବିଧ ପଦକ୍ଷେପ ନିଆଯିବାର ସୂଚନା ରହିଛି । କରୋନା ସତ୍ତ୍ୱେ ଓଡ଼ିଶା ନିବେଶକମାନଙ୍କ ପାଇଁ ଓଡ଼ିଶା ମୁଖ୍ୟସ୍ଥଳ ହୋଇଛି; ତାହା ସୂଚାଉଛି ଯେ, ପ୍ରତିକୂଳତା ସମସ୍ୟା ହୋଇ ରହିନାହିଁ । ଜୀବିକା ସୃଷ୍ଟିକୁ ଅଧିକ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର ଗ୍ରହଣ କରିଥିବା ନୀତି ପୁଞ୍ଜିନିବେଶ ପାଇଁ ଅନୁକୂଳତାରେ ପରିଣତ ହୋଇଛି ବୋଲି କୁହାଯାଇପାରିବ । ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ୧୭୮୧୪ କୋଟି ପ୍ରସ୍ତାବ ଆସିଥିବା ଅତି ଉତ୍ସାହଜନକ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ । ୨୦୧୯-୨୦ରେ ପୁଞ୍ଜିନିବେଶ ୧୯୭୮ କୋଟି ଥିବାସ୍ଥଳେ ତାହା ୭୮୫% ବୃଦ୍ଧି ପାଇବା କିଛି କମ୍ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । କୃଷି, ଶିଳ୍ପ ତଥା ଅଣୁ କ୍ଷୁଦ୍ର ଶିଳ୍ପରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ଯେଉଁ ପଦକ୍ଷେପ ନିଆଯାଉଛି, ତାହା ଉତ୍ସାହଜନକ ବୋଲି ତଦ୍‌ବିଦ ମହଲ ବିଚାର କରୁଛନ୍ତି । ଏହାବାଦ୍ ରାଜ୍ୟରେ ୧୩ ହଜାର କର୍ମନିଯୁକ୍ତିର ସମ୍ଭାବନା ନେଇ ମୁଖ୍ୟମନ୍ତ୍ରୀଙ୍କ କରୋନା ପରୀକ୍ଷା ବୈଠକରେ ଆଲୋଚିତ ହୋଇଛି । କେନ୍ଦ୍ର ସହିତ ଉଚିତ ତାଳମେଳ ରଖି ରାଜ୍ୟ ସରକାର ପଦକ୍ଷେପ ନେଲେ ଲାଗିରହିଥିବା ସଙ୍କଟ ସୁଯୋଗରେ ପରିଣତ ହେବ, ଏଥିରେ ସନ୍ଦେହ ନାହିଁ । ଅଣୁ ଓ କ୍ଷୁଦ୍ର ଉଦ୍ୟୋଗସମୂହ ସମ୍ମୁଖୀନ ହେଉଥିବା ସମସ୍ୟା କେବଳ ଆମ ଏଠାରେ ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ ରହିଛି । ଯୋଜନାବଦ୍ଧ ଭାବେ ତାହାର ସୁଧାର କରାଗଲେ, ରାଜ୍ୟ ଅର୍ଥନୀତି ପାଇଁ ତାହା ବରଦାନ ସଦୃଶ ହୋଇପାରିବ ।

ବରଷା..

ଶ୍ରୀମତୀ ପ୍ରୀତିନନ୍ଦା ପାଣିଗ୍ରାହୀ

ଆକାଶେ ମେଘ ଆସିଲେ ଘୋଟି
ସୁରୁଜ ଯାଏ ଲୁଚି,
ବନେ ମୟୂର ମେଲାଇ ପୁଚ୍ଛ
ଆନନ୍ଦେ ଯାଏ ନାଚି ।

ସେ ନାଚ ଦେଖି ବାଦଲ ଛାତି
ଯାଏକି ସତେ ଫାଟି,
ଅଜାଡ଼ି ଦିଏ ବରଷା ଜଳ
ଭିଜେ ଶୁଖିଲା ମାଟି ।

ବିଜୁଳି ମାରେ ତୁହାକୁ ତୁହା
ଶୁଭଇ ଘଡ଼ଘଡ଼ି,
ବୁଦା ମୂଳରରୁ ବେଙ୍ଗ-ବେଙ୍ଗୁଲି
ଛାଡ଼ନ୍ତି ଲମ୍ବା ରଡ଼ି ।

ଆନନ୍ଦ ମନେ କୃଷକ ଭାଇ
କ୍ଷେତକୁ ଯାଏ ଧାଇଁ,
କୋଡ଼ିରେ ହାଣି ଘଳିଆ ମାରେ
ପାଣି ରୋକିବା ପାଇଁ ।

ଉଠଇ ଭରି ପୋଖରୀ-ନଈ
ନାଳ-ନୟନଜୋରି,
ଗାଆଁ ଦାଣ୍ଡର ପାଣି ସୁଅରେ
ଭସାନ୍ତି ପିଲା ତରୀ ।

ସବୁଜ ଦିଶେ ଗଛ-ପତର
ସବୁଜ ଦିଶେ ଧରା,
ବରଷା ଯୋଗୁଁ ପ୍ରକୃତି ଆମ
ହୁଅଇ ହରାଭରା ।

+ ଏସ-୫/୩୪୨
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୭୯୭୮୨୪୧୦୯୦

ପିତୃ ତର୍ପଣର ପର୍ବ ପିତୃପକ୍ଷ

ଗୋପାଳ ମହାପାତ୍ର

ଭାରତୀୟ ସଂସ୍କୃତି ଉତ୍ସବ ଏବଂ ଶ୍ରଦ୍ଧା ପ୍ରଧାନ ସଂସ୍କୃତି । ବର୍ଷର ପ୍ରତି ମାସରେ କିଛି ନା କିଛି ଉତ୍ସବ ରହିଛି ଯେଉଁଥିରେ ଧାର୍ମିକତା ତ ରହିଛି ଏଥିସହିତ ମନୁଷ୍ୟର ସଂସ୍କାର ଉପରେ ଏହାର ପ୍ରଭାବ ମଧ୍ୟ ରହିଛି। ଏବେ ଆଶ୍ୱିନ ମାସ ଚାଲିଛି। ଏହି ମାସର ପ୍ରଥମ ପକ୍ଷ ଶ୍ରାଦ୍ଧ ପକ୍ଷ ବା ପିତୃପକ୍ଷ ଭାବରେ ବିଦିତ। ଏହି ପକ୍ଷ ବା ୧୫ଦିନରେ ସନାତନ ଧର୍ମାବଲମ୍ବୀମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରିଥାନ୍ତି ଏବଂ ପିତୃପୁରୁଷଙ୍କ ଶ୍ରାଦ୍ଧ କରିଥାନ୍ତି। ସନାତନ ସଂସ୍କୃତିରେ ମାନ୍ୟତା ରହିଛି ଯେ ମନୁଷ୍ୟର ଯେଉଁ ଭାବାତ୍ମକ ଋଣ ରହିଛି ସେଥିମଧ୍ୟରୁ ପିତୃ ଋଣ ଅନ୍ୟତମ। ପିତୃ ଋଣ ପରିଶୋଧ କରିବା ପାଇଁ ମନୁଷ୍ୟ ଶ୍ରାଦ୍ଧ ପକ୍ଷରେ ପିତୃ ପୁରୁଷଙ୍କ ସ୍ମୃତିରେ ଶ୍ରାଦ୍ଧ, ତର୍ପଣ କରିଥାନ୍ତି। ମହର୍ଷି ବେଦବ୍ୟାସ ଉତ୍ତର ମିମାଂଶାରେ ଶ୍ରାଦ୍ଧ ସମ୍ପର୍କରେ ଲେଖିଛନ୍ତି ଯେ 'ବ୍ୟତିରେ ସଦ୍‌ଭାବା ଭାବିତ୍ୱାଂ ତୁଫଳ ଦିବତ୍' ଅର୍ଥାତ୍ ଶରୀର ଠାରୁ ଆତ୍ମା ଭିନ୍ନ ଅଟେ କାରଣ ଶରୀରରେ ଆତ୍ମା ବିଦ୍ୟମାନ ହୋଇ ମଧ୍ୟ ସେ ଅଦୃଶ୍ୟ ଓ ଅସ୍ପୃଶ୍ୟ ଭାବରେ ରହିଥାଏ। ଆତ୍ମାର ଗତି ମଧ୍ୟ ବହୁତ ସୂକ୍ଷ୍ମ। ଏହା ଲୋକାନ୍ତର ପର୍ଯ୍ୟନ୍ତ ଗମନ କରି ନିଜର ସଂକଳ୍ପ ଅନୁସାରେ ଶରୀରକୁ ମଧ୍ୟ ଧାରଣ କରିଥାଏ। କହିବାର ଅଭିପ୍ରାୟ ହେଉଛି ଜୀବ ବା ମନୁଷ୍ୟ ଦେହ ତ୍ୟାଗ କରିବା ପରେ ଯେଉଁ ନୂଆ ଶରୀର ଧାରଣ କରିଥାଏ ତାହା ଆତ୍ମାର ସଂକଳ୍ପର କାରଣରୁ ହିଁ ହୋଇଥାଏ। ଭାରତୀୟ ଦର୍ଶନ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଶରତ ଋତୁର ଆଶ୍ୱିନ ମାସର କୃଷ୍ଣ ପକ୍ଷରେ ଗ୍ରହମାନଙ୍କର ସ୍ଥିତି ପିତରଗଣ ନିଜ ନିଜର ବଂଶଜମାନଙ୍କର ପାଥେୟ ବା ସହଯୋଗ ଶ୍ରଦ୍ଧା ପାଇବା ପାଇଁ ଅନୁକୂଳ ହୋଇଥାଏ। ଏହି ପ୍ରକ୍ରିୟାର ନାମ ହେଉଛି ଶ୍ରାଦ୍ଧ।

ଶ୍ରାଦ୍ଧକୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଯଜ୍ଞ ବୋଲି ମଧ୍ୟ କୁହାଯାଏ। କୁର୍ମ ପୁରାଣରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ଶାନ୍ତ ମନରେ ବିଧିପୂର୍ବକ ଶ୍ରାଦ୍ଧ କରିଥାଏ ତାର ସମସ୍ତ ପାପ ଦୂରେଇ ଯାଏ। ପିତୃପକ୍ଷରେ ଦିଆଯାଉଥିବା ଶ୍ରାଦ୍ଧକୁ ମହାଳୟା ଶ୍ରାଦ୍ଧ ବୋଲି କୁହାଯାଏ। ବୈଦିକ କାଳରୁ ଏହି ପରମ୍ପରା ଚାଲିଆସିଛି। ବାଲ୍ମୀକି ରାମାୟଣରେ ସୀତାଙ୍କ ଦ୍ୱାରା ଦିଆଯାଇଥିବା ପିଣ୍ଡଦାନ କାରଣରୁ ଦଶରଥଙ୍କ ଆତ୍ମା ମୋକ୍ଷପ୍ରାପ୍ତି ହୋଇଥିବା କଥା ଉଲ୍ଲେଖ ରହିଛି। ଶ୍ରାଦ୍ଧ ମୁଖ୍ୟତଃ ନିଜର ଅସ୍ତିତ୍ୱରେ, ନିଜର ମୂଳ ସହ ସଂଯୋଗ ସ୍ଥାପନ କରିବା ଏବଂ ନିଜର ଜଡ଼ ସହିତ ଜଡ଼ିତ ହେବା, ତାକୁ ଚିହ୍ନିବା ଓ ସମ୍ମାନ ଦେବାର ସାମାଜିକ ପ୍ରକ୍ରିୟା। ପ୍ରତ୍ୟେକ ବ୍ୟକ୍ତିର ତିନି ପୂର୍ବଜ ଯଥା ପିତା, ପିତାମହ ଓ ପ୍ରପିତାମହଙ୍କୁ ବସୁ, ରୁଦ୍ର ଏବଂ ଆଦିତ୍ୟ ବୋଲି ଗ୍ରହଣ କରାଯାଇଥାଏ। ଶ୍ରାଦ୍ଧ ସମୟରେ ଏହିମାନଙ୍କୁ ସବୁ ପୂର୍ବଜଙ୍କ ପ୍ରତିନିଧିବୋଲି ଗ୍ରହଣ କରାଯାଏ। ଶ୍ରାଦ୍ଧର ଶାବ୍ଦିକ ଅର୍ଥ ହେଉଛି ଯାହା ଶ୍ରଦ୍ଧାରେ ଦିଆଯାଏ। ସଂସ୍କୃତରେ ଉଲ୍ଲେଖ ରହିଛି, 'ଶ୍ରଦ୍ଧୟା ଦୀୟତେ ଯତ୍ ତତ୍ ଶ୍ରାଦ୍ଧମ୍'। ମାନ୍ୟତା ରହିଛି ଯେ ଶ୍ରାଦ୍ଧ ପରେ ପିତୃପୁରୁଷଙ୍କ ପାଇଁ ତର୍ପଣ କରାଗଲେ, ବ୍ରାହ୍ମଣ ଭୋଜନ କରାଗଲେ ବର୍ଷସାରା ପିତୃପୁରୁଷ ପ୍ରସନ୍ନ ରହିଥାନ୍ତି। ଶ୍ରାଦ୍ଧ ପକ୍ଷ ବା ପିତୃପକ୍ଷର ୧୫ ଦିନ ଯାକ ତର୍ପଣ ଓ ଶ୍ରାଦ୍ଧ ପାଇଁ ଅନୁକୂଳ ଅଟେ। ବର୍ଷର ଯେକୌଣସି ମାସରେ ସ୍ୱର୍ଗବାସ କରିଥିବା ପିତୃପୁରୁଷଙ୍କ ପାଇଁ ପିତୃପକ୍ଷର ସେଇ ତିଥିରେ ଶ୍ରାଦ୍ଧ କରିବା କଥା ଶାସ୍ତ୍ରରେ କୁହାଯାଇଛି। ପାରମ୍ପରିକ ଦୃଷ୍ଟିରେ ପିତା ବା ମାତାଙ୍କର ଯେଉଁ ତିଥିରେ ସ୍ୱର୍ଗବାସ ହୋଇଥାଏ ସେହି ତିଥିରେ ଶ୍ରାଦ୍ଧ କରାଯାଇଥାଏ କିନ୍ତୁ ତର୍ପଣ ସବୁଦିନ କରାଯାଇପାରେ। ଦେବତା ତଥା ଋଷିମାନଙ୍କ ସହିତ ପିତୃପୁରୁଷଙ୍କ ନାମରେ ଜଳ ପ୍ରଦାନ (ତର୍ପଣ) କରାଯାଇ ସେମାନଙ୍କୁ ତୃପ୍ତ କରାଯିବାର ପରମ୍ପରା ରହିଛି। ଋକ୍ ବେଦରେ ଶ୍ରାଦ୍ଧ ବିଷୟରେ ଉଲ୍ଲେଖ କରାଯାଇଛି- 'ଅଗ୍ନିଷଃ ଅଗ୍ନିସ୍ୱାତଃ ପିତର ଏତଗଚ୍ଛତଃ ସଦଃ ସଦଃ ସଦତଃ ସୁପ୍ରଣିୟତଃ।' ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ମାସର ଅମାବାସ୍ୟା ପିତୃପୁରୁଷଙ୍କ ପୁଣ୍ୟ ତିଥି ଅଟେ। କିନ୍ତୁ ଆଶ୍ୱିନ ମାସର ଅମାବାସ୍ୟା ଦିନଟି ପିତୃପୁରୁଷଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରିଥାଏ। ଏହି ଅମାବାସ୍ୟା ପିତୃପୁରୁଷଙ୍କ ପାଇଁ ଅଧିକ ଫଳଦାୟୀ। ସେହିପରି ନବମୀ ତିଥିର ମଧ୍ୟ ଅଧିକ ଗୁରୁତ୍ୱ ରହିଛି। ମାତାଙ୍କ ଶ୍ରାଦ୍ଧ ପାଇଁ ନବମୀ ତିଥିକୁ ଅଧିକ ଗୁରୁତ୍ୱ ଦିଆଯାଏ। ଗରୁଡ଼ ପୁରାଣରେ ଉଲ୍ଲେଖ ରହିଛି ଯେ ଶ୍ରାଦ୍ଧ କରିବା ପାଇଁ ଶ୍ରେଷ୍ଠ ସ୍ଥାନ ହେଉଛି ଗୟା। ପିତୃପୁରୁଷଙ୍କ ମୁକ୍ତି ପାଇଁ ଗୟାରେ ଶ୍ରାଦ୍ଧ ବା ପିଣ୍ଡଦାନ କୁ ପରମ ପୁଣ୍ୟଦାୟୀ ବୋଲି କୁହାଯାଏ।

ଧର୍ମଶାସ୍ତ୍ର ଅନୁସାରେ ପିତୃପୁରୁଷଙ୍କୁ ଯେଉଁ ଗୃହସ୍ଥ ପିଣ୍ଡଦାନ କରେ ସେ ଦୀର୍ଘାୟୁ, ପୁତ୍ରପୌତ୍ରାଦି ଯୁକ୍ତ, ଯଶ ଓ ସ୍ୱର୍ଗ ପ୍ରାପ୍ତି କରିଥାଏ। ଲକ୍ଷ୍ମୀଙ୍କ ବରଦାନ ମଧ୍ୟ ପାଇଥାଏ। କୁହାଯାଏ ଯେ ପିତୃ ପୁରୁଷଙ୍କ କୃପାରୁ ତାର ସମସ୍ତ ପ୍ରକାରର ଶୁଭ ହୁଏ। ସମୃଦ୍ଧି ଓ ସୌଭାଗ୍ୟ ପ୍ରାପ୍ତି ହୁଏ ଏପରିକି ସେ ମୋକ୍ଷ ପ୍ରାପ୍ତି କରିଥାଏ। ଶାସ୍ତ୍ରରେ ଏକଥା ମଧ୍ୟ ଉଲ୍ଲେଖ ରହିଛି ଯେ ଆଶ୍ୱିନ ମାସର ପିତୃପକ୍ଷରେ ପୁତ୍ର-ପୌତ୍ରାଦିଙ୍କ ଠାରୁ ତର୍ପଣ ଓ ପିଣ୍ଡର ଆଶା ରଖିଥାନ୍ତି ପିତୃ ପୁରୁଷ। ତର୍ପଣ ଓ ପିଣ୍ଡ ପାଇବା ଆଶାରେ ପିତୃପୁରୁଷ ପିତୃ ଲୋକରୁ ପୃଥିବୀ ଲୋକକୁ ଏହି ସମୟରେ ଆସିଥାନ୍ତି। ଏହି ଦୃଷ୍ଟିରୁ ପ୍ରତ୍ୟେକ ଗୃହସ୍ଥ ପିତୃପକ୍ଷରେ ତର୍ପଣ କରିବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ବା ପିଣ୍ଡଦାନ କରିବା ଉଚିତ୍। ପିତୃପକ୍ଷ ପିତୃପୁରୁଷଙ୍କ ପାଇଁ ଉତ୍ସବର ସମୟ। ମନୁ ସ୍ମୃତିରେ ଉଲ୍ଲେଖ ରହିଛି ଯେ ଯେଉଁ ପରିବାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଇନଥାଏ ସେହି ପରିବାରରେ ପ୍ରତିଷ୍ଠାବାନ, ଦୀର୍ଘାୟୁ ବ୍ୟକ୍ତି ଜନ୍ମ ହୋଇନଥାନ୍ତି। ସବୁ ଧର୍ମ ଗ୍ରନ୍ଥରେ ପିତୃପକ୍ଷରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା କଥା ଉଲ୍ଲେଖ ରହିଛି। ଏକଥା ମଧ୍ୟ ଉଲ୍ଲେଖ ରହିଛି ଯେ ଯେଉଁ ବ୍ୟକ୍ତି ନିଜର ପିତା-ମାତାଙ୍କର ଶ୍ରାଦ୍ଧ ତାଙ୍କ ସ୍ୱର୍ଗବାସ ତିଥିରେ କରିପାରିନଥାଏ ସେ ପିତୃପକ୍ଷର ଅମାବାସ୍ୟାରେ ପିତା-ମାତାଙ୍କ ଶ୍ରାଦ୍ଧ କରିପାରିବେ। ନିର୍ଣ୍ଣୟ ସିନ୍ଧୁରେ ଉଲ୍ଲେଖ ଅଛି ଯେ ପିତୃପକ୍ଷରେ ପିତାଙ୍କ ପାଇଁ ପାର୍ବଣ ଶ୍ରାଦ୍ଧ କରିବା ଉଚିତ୍। ଋଷିମୁନୀମାନେ କହିଛଁ ଯେ ସବୁ ଜୀବ (ମନୁଷ୍ୟ) ପତୃପକ୍ଷ ଉତ୍ସବ ପାଳନ କରିବା ଉଚିତ୍।

ଶ୍ରାଦ୍ଧ ଭାବନା ସହ ଯୋଡ଼ି ହୋଇଯାଇଛି। ଶ୍ରୀମଦ୍‌ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେବାବେଳେ ପିତୃପୁରୁଷଙ୍କ ମହତ୍ୱକୁ ପ୍ରତିପାଦନ କରିଛନ୍ତି ଏବଂ ପିତୃପକ୍ଷରେ ସେମାନଙ୍କୁ ସନ୍ତୁଷ୍ଟ କରିବାର ସନ୍ଦେଶ ଦେଇଛନ୍ତି। ଏହି ପିତୃପକ୍ଷରେ କୌଣସି ଶୁଭ କାର୍ଯ୍ୟ ଆରମ୍ଭ କରାଯାଇନଥାଏ କାରଣ ଏହି ସମୟ କେବଳ ପିତୃପୁରୁଷଙ୍କ ପୂଜା ଅର୍ଚ୍ଚନା ଏବଂ ସେମାନଙ୍କୁ ସନ୍ତୁଷ୍ଟ କରିବାର ସମୟ। ଶାସ୍ତ୍ର ଅନୁସାରେ ଶ୍ରାଦ୍ଧପକ୍ଷ ବା ପିତୃପକ୍ଷରେ ପିତୃପୁରୁଷ ଏହି ଧରାପୃଷ୍ଠକୁ ଆସିଥାନ୍ତି। ଦେବତାମାନେ ଏ ସମୟରେ ପୃଥିବୀ ପୃଷ୍ଠକୁ ଆସିନଥାନ୍ତି ଏଣୁ ଶୁଭ କାର୍ଯ୍ୟ ପାଇଁ ଏହି ପକ୍ଷ (୧୫ଦିନ) କୁ ଶ୍ରେଷ୍ଠ ନୁହେଁ ବୋଲି କୁହାଯାଏ। ଧର୍ମଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ଏହି ପକ୍ଷରେ କେତେକ ନିୟମ ପାଳନ କରାଯିବା ଉଚିତ୍ ଯାହାଫଳରେ ପିତୃପୁରୁଷ ପ୍ରସନ୍ନ ହୋଇ ଆଶୀର୍ବାଦ ପ୍ରଦାନ କରିବେ। ଗ୍ରନ୍ଥ ଅନୁସାରେ ଶ୍ରାଦ୍ଧ ସର୍ବଦୈବ ସ୍ୱଗୃହରେ ବା ନିଜ ଗୃହରେ କରାଯିବା ବିଧେୟ। ଶ୍ରାଦ୍ଧ ସମୟରେ ତରତର ହେବା ଉଚିତ୍ ନୁହେଁ। କ୍ରୋଧ କରିବା ମଧ୍ୟ ଉଚିତ୍ ନୁହେଁ କିମ୍ବା ଅପ୍ରସନ୍ନ ରହିବା ଉଚିତ୍ ନୁହେଁ। ପିତୃପୁରୁଷଙ୍କ ଋଣ ପରିଶୋଧ କରିବା ପାଇଁ ଶ୍ରଦ୍ଧାପୂର୍ବକ ଶ୍ରାଦ୍ଧ କରାଯାଇଥାଏ। ପିତୃପକ୍ଷ ୧୬ଦିନ ବୋଲି କୁହାଯାଏ। ଏହି ଦିନମାନଙ୍କ ମଧ୍ୟରେ ଯେକୌଣସି ଦିନ ଶ୍ରାଦ୍ଧ ବା ପିଣ୍ଡଦାନ କରାଯାଇପାରେ କିନ୍ତୁ ସବୁଦିନ ତର୍ପଣ କରାଯିବା ଶାସ୍ତ୍ରୋକ୍ତ ବିଧାନ ଅଟେ।

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ଗୁରୁଦିବସ ନା ଶିକ୍ଷକ ଦିବସ ?

କାହ୍ନୁ ଚରଣ ବିଶ୍ୱାଳ

ଓଡ଼ିଆ ଭାଷାରେ 'ଶିକ୍ଷକ' ଏବଂ 'ଗୁରୁ' ଶବ୍ଦ ସମାନ ଅର୍ଥ ବିଶିଷ୍ଟ ବୋଲି ଆମେ ଗ୍ରହଣ କରୁ । କିନ୍ତୁ ବାସ୍ତବରେ ଉଭୟ ଶବ୍ଦକୁ ବିଶ୍ଳେଷଣ କଲେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ପରିଲକ୍ଷିତ ହୁଏ । ଉଭୟ ଶବ୍ଦ ସଂସ୍କୃତ ଭାଷାରୁ ଆନୀତ । ସଂସ୍କୃତ ଭାଷାରେ 'ଶିକ୍ଷକ' ଶବ୍ଦର ଅର୍ଥ ଯିଏ ଶିକ୍ଷାଦାନ କରନ୍ତି । ଅନ୍ୟପକ୍ଷରେ 'ଗୁରୁ' ଶବ୍ଦର ଅର୍ଥ ଯିଏ ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରନ୍ତି । ଏଠାରେ 'ଅନ୍ଧକାର' ଅଜ୍ଞାନର ଅନ୍ଧକାରକୁ ବୁଝାଏ ଏବଂ 'ଆଲୋକ' ଜ୍ଞାନର ଆଲୋକକୁ ବୁଝାଏ । ଅତଏବ ଗୁରୁ ହେଉଛନ୍ତି ସେହି ବ୍ୟକ୍ତି ସିଏ ଅଜ୍ଞତାର ଅନ୍ଧକାରକୁ ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତି ।

ବାସ୍ତବରେ ଗୁରୁ ଶିକ୍ଷକଙ୍କ ଠାରୁ ବହୁ ଉଚ୍ଚରେ । ପ୍ରତ୍ୟେକ ଗୁରୁ ଜଣେ ଶିକ୍ଷକ କିନ୍ତୁ ପ୍ରତ୍ୟେକ ଶିକ୍ଷକ ଜଣେ ଗୁରୁ ନୁହଁନ୍ତି । ଶିକ୍ଷକ ପ୍ରଦାନ କରୁଥିବା ଶିକ୍ଷା ଅକ୍ଷର ଜ୍ଞାନ, ପୁସ୍ତକୀୟ ଜ୍ଞାନ, କିଛି ବିଷୟରେ ତଥ୍ୟ ଏବଂ ବିବରଣୀ ମାତ୍ର । ଏହା ମନୁଷ୍ୟକୁ ଯଶ, ଖ୍ୟାତି, ଧନ ସମ୍ପଦ ଏବଂ ଭୌତିକ ସୁଖ ପ୍ରଦାନ କରେ । ବିଶେଷ ଭାବରେ ଆଧୁନିକ ଶିକ୍ଷା ଉପରୋକ୍ତ ଜ୍ଞାନ ପ୍ରଦାନରେ ସୀମିତ ଅଟେ । ଏହା ମନୁଷ୍ୟର ହୃଦୟରେ ମାନବୀୟ ଗୁଣାବଳୀ ଯଥ

ଥକ୍କାପଣକୁ ଦୂରେଇବାର ସରଳ ଉପାୟ

ସାମାନ୍ୟ କାମ କରି ଥକ୍କା ଲାଗିଲେ କିମ୍ବା କୌଣସି କାମ କରିବାକୁ ଆଗ୍ରହ ନ ଆସିଲେ, ବିଶେଷଜ୍ଞଙ୍କ ପରାମର୍ଶ ନେବା ପୂର୍ବରୁ ନିଜ ଦୈନନ୍ଦିନ ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ କରନ୍ତୁ । ହୋଇପାରେ, ସେହି ନିୟମ ଆପଣଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପ୍ରଦାନ କରିବାରେ ସହାୟକ ହେବ ।

♦ କର୍ମଜୀବୀ ଲୋକେ ଘରୁ କାର୍ଯ୍ୟାଳୟ ଓ ସେହିପରି କାର୍ଯ୍ୟାଳୟରୁ ଘରକୁ ଆସିବାରେ ପୂରା ସପ୍ତାହ ଅତିବାହିତ କରନ୍ତି । ଆଜିକାଲି ତ' ଅଧିକାଂଶ ଲୋକ ଘରୁ ଗୋଡ଼ କାଢ଼ି ଶାତତାପ ନିୟନ୍ତ୍ରିତ କାରରେ ବସି କାର୍ଯ୍ୟାଳୟରେ ବସି ସନ୍ଧ୍ୟାରେ ବାହାରିଥାନ୍ତି । ଏମାନେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆଦୌ ଆସିପାରନ୍ତିନାହିଁ । ଯାହା କାରଣରୁ ଭିଟାମିନ ଡି ଅଭାବରେ ଆକ୍ରାନ୍ତ ହେବା ସହ ଖୁବ ଶୀଘ୍ର ଥକ୍କି ମଧ୍ୟ ଯାଇଥାନ୍ତି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭିଟାମିନ ଡିର ଅଭାବ ହେଲେ ମଧ୍ୟ ଶରୀରର ଶକ୍ତି କ୍ରମଶଃ ହ୍ରାସ ପାଇଥାଏ । ଏଣୁ ଦୈନିକ ସକାଳବେଳା ଛାତ ଉପରେ ନଚେତ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଚଲାବୁଲା କରିବା ଉଚିତ । ପାଶ୍ଚାତ୍ୟ ଥଣ୍ଡା ରାଷ୍ଟ୍ରଗୁଡ଼ିକର ଲୋକେ ଏହି ଭିଟାମିନ ଡି' ଅଭାବରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶରେ ଭିଟାମିନ ଡି ପୋଷକତତ୍ତ୍ୱ ଥିବା ଔଷଧ ସେବନ କରିଥାନ୍ତି ।

♦ ଏହା ସହ ନିଜ ଖାଦ୍ୟ ଓ ପାନୀୟ ପ୍ରତି ସତର୍କ ରୁହନ୍ତୁ । ଯଦିବା ଆପଣଙ୍କୁ ବାହାର ରେଷ୍ଟୋରାଁ ଖାଦ୍ୟ ପସନ୍ଦ, ତେବେ ପନିପରିବା ତରକାରି ଅର୍ଡର ଦେବାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ପାଣି ଆବଶ୍ୟକ ପରିମାଣରେ ପିଇବା ଜରୁରୀ, ଯେପରି ଶରୀରରେ ଜଳାଭାବ ସମସ୍ୟା ନଉପୁଜେ ।

♦ ଅଧିକ ମାନସିକ ଚାପରେ ରହିଲେ ମଧ୍ୟ ଯେ କୌଣସି କାମ କରିବାକୁ ଆଗ୍ରହ ଆସିନଥାଏ । ଯେତେ ବଡ଼ ଅସୁବିଧା ପରିସ୍ଥିତିରେ ମଧ୍ୟ ଭାବିବା ଉଚିତ ଯେ ସମୟ ଅନୁସାରେ ସବୁ ଠିକ ହୋଇଯିବ ।

ଫାଷ୍ଟ ଫ୍ୟାସନ

ଗତ ଏକ ଦଶନ୍ଧିରୁ ଅଧିକ ସମୟ ହେବ ରେଡ଼ିମେଡ଼ ଡ୍ରେସର ଟ୍ରେଣ୍ଡ ଯୋଗୁ ଆମେ ପୁରୁଣା ଷ୍ଟାଇଲକୁ ଭୁଲିଗଲେଣି । ପୂବରୁ ଡ୍ରେସ ତିଆରି ପିନ୍ଧିବାର ପ୍ରଚଳନ ଥିଲା । କିନ୍ତୁ ଫ୍ୟାସନ ଦୁନିଆରେ ଷ୍ଟାଇଲ ସମୟ ଅନୁସାରେ ପୁଣି ଫେରିଥାଏ । ପୁଣି ଥରେ କଷ୍ଟମାଇଜଡ ଫ୍ୟାସନ ଟ୍ରେଣ୍ଡ ଫେରୁଛି । ତେଣୁ ଏବେ ଝିଅ ଓ ମହିଳାମାନେ ଡ୍ରେସ ତିଆରି କରି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପୁଣିଥରେ କମ ସମୟ ମଧ୍ୟରେ ରେଡିମେଡ ଫ୍ୟାସନ ଯାହାକୁ ଆମେ ଫାଷ୍ଟ ଫ୍ୟାସନ ବୋଲି କହୁ ତା' ସାମନାରେ କଷ୍ଟମାଇଜଡ଼ ଫ୍ୟାସନ ନିଜର ସ୍ଥାନ ତିଆରି କରିସାରିଲାଣି ।

ଫାଷ୍ଟ ଫ୍ୟାସନର ଲୋକପ୍ରିୟତା:

ରେଡିମେଡ ଡ୍ରେସେସକୁ ଫ୍ୟାସନ ଦୁନିଆରେ ଫାଷ୍ଟ ଫ୍ୟାସନ ବୋଲି କୁହାଯାଏ । ଫାଷ୍ଟ ଫ୍ୟାସନକୁ ଡିସପୋଜେବଲ ଫ୍ୟାସନ ମଧ୍ୟ କୁହାଯାଏ । ଏହା ଜରିଆରେ ଦୁନିଆରେ ଥିବା ହିଟ୍ ଡିଜାଇନସବୁ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚା ଯାଇଥାଏ । ସେଥିପାଇଁ ବଡ଼ ଆକାରରେ ଏହାର ଉତ୍ପାଦନ ମଧ୍ୟ ହୋଇଥାଏ ଓ ଏହାର ଦାମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । ଏହି କାରଣରୁ ମଡର୍ଣ୍ଣ ଟ୍ରେଣ୍ଡ ଅଧିକାରୁ ଅଧିକ ଲୋକମାନଙ୍କ ପାଖକୁ ଶୀଘ୍ର ପହଞ୍ଚିଥାଏ । ଫାଷ୍ଟ ଫ୍ୟାସନ ବା ପପୁଲାର ଫ୍ୟାସ ଷ୍ଟାଇଲିଶ ଦେଖାଯିବା ପାଇଁ ଏକ ଶସ୍ତା ଓ ସୁନ୍ଦର ବିକଳ୍ପ । ସେଥିପାଇଁ କପଡ଼ାର ଉତ୍ପାଦନ ବେଳେ ବେଳେ ଅଧିକ ହୋଇଯାଏ ଓ ସେଲ ମଧ୍ୟ ହୋଇପାରେ ନାହିଁ ।

ଫ୍ୟାସନ ଇଣ୍ଡଷ୍ଟ୍ରିରେ ପରିବର୍ତ୍ତନ:

ଲମ୍ୟା ସମୟ ପର୍ଯ୍ୟନ୍ତ ଫାଷ୍ଟ ଫ୍ୟାସନର ଟ୍ରେଣ୍ଡ ଚାଲିବା ପରେ ଏବେ କଷ୍ଟମାଇଜଡ ବା ସିଲେଇ କରି ଡ୍ରେସ ପିନ୍ଧିବାର ଫ୍ୟାସନ ଫେରୁଛି । ଫାଷ୍ଟ ଫ୍ୟାସ ନ ଦ୍ୱାରା ନଷ୍ଟ ହେଉଥିବା କପଡ଼ା ବା ସାମଗ୍ରୀକୁ କମ୍ କରିବା ପାଇଁ ଆଜିକାଲି ଫ୍ୟାସନ ଇଣ୍ଡଷ୍ଟ୍ରିରେ କଷ୍ଟମାଇଜଡ଼ ଫ୍ୟାସନର ପ୍ରଚଳନ ବୃଦ୍ଧି ପାଉଛି । ଏବେ ଅନେକ କମ୍ପାନୀ ନିଜ ଗ୍ରାହକମାନଙ୍କୁ ତାଙ୍କର ଆବଶ୍ୟକତା ଅନୁସାରେ ଡ୍ରେସେସ କଷ୍ଟମାଇଜ କରି ଦେଉଥିବାର ଦେଖାଦେଇଛି । ବର୍ତ୍ତମାନ କଷ୍ଟମାଇଜଡ ପ୍ରିଣ୍ଟେଡ ଟି ସାର୍ଟର ଏବେ ଚାହିଦା ବଢୁଛି । ଏବେ ଅନେକ କମ୍ପାନୀ ଗ୍ରାହକମାନଙ୍କ ପସନ୍ଦ କରୁଛନ୍ତି । ତେଣୁ ପ୍ରାକୃତିକ ସଂଶାଧନର ବରବାଦିକୁ ହ୍ରାସ କରିବା ପାଇଁ ଫ୍ୟାସନ ଇଣ୍ଡଷ୍ଟ୍ରିରେ ଇକୋ ଫ୍ରେଣ୍ଡଲୀ ଓ କଷ୍ଟମର ଫ୍ରେଣ୍ଡଲୀ ଉପାୟକୁ ଫଲୋ କରୁଛନ୍ତି ।

ଲୋ ବ୍ଲଡ ପ୍ରେସର



ଲୋ ବ୍ଲଡ ପ୍ରେସର ବା ନିମ୍ନ ରକ୍ତ ଚାପ, ଅକ୍ସିଜେନକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ବାଧା ଦେଇଥାଏ । କେବଳ ଅକ୍ସିଜେନ ନୁହେଁ ଅନ୍ୟ ପୋଷକ ତତ୍ତ୍ୱ ମଧ୍ୟ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ବ୍ଲଡ ପ୍ରେସରକୁ ସ୍ୱାସ୍ଥ୍ୟର ଭାଷାରେ ହାଇପୋଟେନସନ କୁହାଯାଏ । ବ୍ଲଡ ପ୍ରେସର କୌଣସି ବେମାରୀ ନୁହେଁ । କିନ୍ତୁ ଶରୀରରେ ସୃଷ୍ଟି ହୋଇଥିବା ଅନ୍ୟ ଗମ୍ଭୀର ବେମାରୀର ସଙ୍କେତ । ଏପରି ସ୍ଥଳେ କାହାରି ଶରୀରରେ ରକ୍ତ ପ୍ରବାହ ସାମାନ୍ୟରୁ ଯଦି କମ୍ ହୋଇଥାଏ ତେବେ ନିମ୍ନ ରକ୍ତଚାପ ବା ଲୋ-ବ୍ଲଡ ପ୍ରେସର କୁହାଯାଏ । ଏଥିରେ ହୃଦୟ, କିଡନୀ, ଫୁସଫୁସ ଓ ମସ୍ତିଷ୍କ ଆଂଶିକ ଭାବରେ ବା ସମ୍ପୂର୍ଣ୍ଣ ଭାବରେ କାମ କରିବା ମଧ୍ୟ ବନ୍ଦ କରିଦେଇପାରେ । ଯଦି କୌଣସି ଔଷଧ ପାଇଁ ଲୋ ବ୍ଲଡ ପ୍ରେସର ରହୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧର ପରିମାଣ କମ କରିବା ବା ବନ୍ଦ କରିଦେବା ଉଚିତ । ପୋଷକ ତତ୍ତ୍ୱ ପାଇଁ ଭରପରୁ ଖାଦ୍ୟ ଖାଇବା ଉଚିତ । ଅଲଗା- ଅଲଗା ଫଳ, ପରିବା, ଶସ୍ୟ, କମ ଫ୍ୟାଟ ଥିବା ମାଂସ ଓ ମାଛକୁ ଭୋଜନ କରିବା ଉଚିତ । ଖାଦ୍ୟରୁ ଆଳୁ, ଭାତ ଓ ବ୍ରେଡ ପରି ଅଧିକ କାର୍ବୋହାଇଡ୍ରେଟ ଥିବା ଖାଦ୍ୟ ପଦାର୍ଥର ପ୍ରୟୋଗ କମ କରନ୍ତୁ । ସ୍ନୋକିଂ କରିବା ଅନୁଚିତ, ସକ୍ରିୟ ରହି ଅଧିକ ଝାଳ ବାହାରିକା ପରି କାମ କରିବା ଉଚିତ ନୁହେଁ । ଅଧିକ ଖରାରେ ବାହାରନ୍ତୁ ନାହିଁ ଓ ପର୍ଯ୍ୟାପ୍ତ ମାତ୍ରାରେ ଲୁଣ ଖାଇବା ଉଚିତ ଓ ଅଧିକ ଟେନସନ ନେବା ଉଚିତ ନୁହେଁ । ଏହା ଉପରେ ଗୁରୁତ୍ୱ ଦେଲେ ଲୋ ବିପିରୁ ରକ୍ଷା ପାଇପାରିବେ ।

ଉପଚାର: ବ୍ଲଡ ପ୍ରେସର ଲୋ ହେଲେ- ୧ ତୁରନ୍ତ ବସିଯାଆନ୍ତୁ ବା ଶୋଇ ପଡ଼ନ୍ତୁ । ହାତ ମୁଠା ବନ୍ଦ କରନ୍ତୁ ଓ ଖୋଲନ୍ତୁ । ଗୋଡ଼ ହଲାନ୍ତୁ(୨) ଲୁଣ ଓ ଚିନି ମିଶ୍ରିତ ପାଣି ଓ ଚା ପିଅନ୍ତୁ । ଗୋଡ଼ ତଳେ ଦୁଇଟି ତକିଆ ଦେଇ ଶୁଅନ୍ତୁ । (୩) ଯେଉଁ ଲୋକମାନେ ପ୍ରଥମରୁ ଉଚ୍ଚ ରକ୍ତଚାପ ଔଷଧ ଖାଉଛନ୍ତି, ସେମାନେ ଔଷଧ ଖାଉଛନ୍ତି । ସେମାନେ ଔଷଧ ଖାଇବା ବନ୍ଦ କରନ୍ତୁ । (୪) ଅତି କମ୍‌ରେ ଆଠ ଗ୍ଲାସପାଣି ଓ ଜୁସ ଇତ୍ୟାଦି ପ୍ରତ୍ୟେକ ଦିନ ପିଅନ୍ତୁ ।

ସାଲାଡ ଖାଉଥିଲେ...

ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ନିୟମିତ ଭାବେ ଦ୍ୱିପହର ଓ ରାତ୍ରି ଭୋଜନ ପୂର୍ବରୁ ସାଲାଡ ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଅନେକ ବର୍ଷ ପନ୍ଦୂର୍ବେ ଇଉରୋପ ଓ ଆମେରିକାର ଧନିକ ଗୋଷ୍ଠୀର ଲୋକେ ହିଁ ସାଲାଡ ଖାଉଥିଲେ । ସେ ସମୟରେ କେବଳ ଭେଜ ସାଲାଡ ଉପଲବ୍ଧ ଥିଲା । ଆଜିର ସମୟରେ କିନ୍ତୁ ଉଭୟ ଭେଜ, ନନଭେଜ ଓ ଫ୍ରୁଟ୍ ସାଲାଡ୍ ମଧ୍ୟ ମିଳୁଛି । ଗତ ବର୍ଷ ନଭେମ୍ବରରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ବିଶ୍ୱର ପ୍ରାୟ ୮୦% ଲୋକ ସାଲାଡ ଖାଇବାର ସଠିକ ପ୍ରଣାଳୀ ଜାଣିନଥିବାର ସ୍ପଷ୍ଟ ହୋଇଛି ।

ସବୁବେଳେ ସତେଜ କଟା ହୋଇଥିବା ପନିପରିବା ଓ ଫଳର ସାଲାଡ ଖାଇବା ଉଚିତ । ରେଷ୍ଟୋରାଁରେ ସାଲାଡ ବରାଦ କରୁଥିଲେ, ତାହା ସତେଜ କି ନୁହେଁ, ତାହା ପରଖିନେବା ଜରୁରୀ । ପୂର୍ବରୁ ସାଲାଡ କାଟି କରି ରଖାଗଲେ, ତାହାର ପୋଷକତତ୍ତ୍ୱ ନାଷ୍ଟ ହୋଇଯାଏ । ଫଳ ସାଲାଡକୁ ସପ୍ତାହରେ ଅନ୍ତତଃ ୩-୪ଥର ଖାଇବା ଉଚିତ । ବିଭିନ୍ନ ପ୍ରକାର ଫଳକୁ ମିଶାଇ ସେଥିରେ କଳା ଲୁଣ ମିଶାଇ ଖାଇଲେ ହଜମ କ୍ଷମତା ବଢ଼ାଇଥାଏ । ଏହି ସାଲାଡକୁ ଦ୍ୱିପ୍ରହର ଭୋଜନ ପୂର୍ବରୁ ଆପଣ ଖାଇଲେ ତାହାର ଶରୀର ଉପରେ ଭଲ ପ୍ରଭାବ ପଡ଼େ । ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନ ସାଥିରେ ସାଲାଡ ନଖାଇ ବରଂ କିଛି ସମୟ ପୂର୍ବରୁ ଖାଇବା ଉଚିତ । ସାଲାଡରେ ମାୟୋନିଜ ଓ ଟମାଟୋ ସସ ଇତ୍ୟାଦି ମିଶାଇଲେ ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇଥାଏ । କେବଳ ଲେମ୍ବୁ ରସ, କଳା ଲୁଣ ଓ ଦହି ମିଶାଇ ସାଲାଡ ଖାଇବା ଭଲ ।

ଆଳୁ କୋଫତା ତରକାରୀ

ଆଳୁ କୋଫତା ତରକାରୀ ବହୁତ ସ୍ୱାଦିଷ୍ଟ ହୋଇଥାଏ । ଭିନ୍ନ ସ୍ୱାଦ ପାଇଁ ଆଳୁ କୋଫତା ତରକାରୀ ଘରେ ତିଆରି କରନ୍ତୁ ।

ଆବଶ୍ୟକ ସମଗ୍ରୀ: ଆଳୁ ୭ଟି, ଆରାରୋଟ-୪ଚାମଚ, ସ୍ୱାଦ ଅନୁସାରେ ଲୁଣ, କଟାଯାଇଥିବା ଧନିଆପତ୍ର-୧ଚାମଚ, କଟାଯାଇଥିବା କାଜୁ-୧୦ଟି, କିସମିସ-୩୦ଟି, ତେଲ ଆବଶ୍ୟକ ଅନୁସାରେ ।

ତରକାରୀ ପାଇଁ : ଟମାଟୋ-୪ଟି, କଞ୍ଚାଲଙ୍କା୨ଟି, ଅଦା, କ୍ରିମ-୧/୨ କପ, ତେଲ ୨ଚାମଚ, ଜିରା ୧/୨ ଚାମଚ, ହଳଦୀ ପାଉଡର, ଧନିଆ ପାଉଡର- ଏକ ଚାମଚ, ଲାଲ ମିର୍ଚି ପାଉଡର, ଗରମ ମସଲା , ସ୍ୱାଦ ଅନୁସାରେ ଲୁଣ, କଟାଯାଇଥିବା ଧନିଆ ପତ୍ର ।

ପ୍ରଣାଳୀ: ଆଳୁକୁ ସିଝାଇ ଛଡ଼ାଇ ଦିଅନ୍ତୁ । ଏହାକୁ କଦୁକଷକରି ସେଥିରେ ଆରାରୋଟ, ଲୁଣ, ଧନିଆ ପତ୍ର ମିଶାଇ ଏହାକୁ ଦେଇ ଦିଅନ୍ତୁ । କୋଫତା ପାଇଁ ମିଶ୍ରଣ ପ୍ରସ୍ତୁତ ହୋଇଗଲା । ଏକ କଡ଼ାଇରେ ତେଲ ଗରମ କରି ମିଶ୍ରଣକୁ ଅଳ୍ପ ଅଳ୍ପ କରି ଚେପଟା ପରି ସେଥିରେ ୨-୩ ଖଣ୍ଡ କାଜୁ ଖଂଡ ଓ ୨ଟି କିସମିସ ରଖନ୍ତୁ ଓ ଛାଣନ୍ତୁ । ଗୋଟେ ପାର୍ଶ୍ୱ ହୋଇଯିବା ପରେ ଓଲଟାଇ ଛାଣନ୍ତୁ । କୋଫତାକୁ ପ୍ଲେଟରେ କାଢ଼ି ରଖନ୍ତୁ । ଟମାଟୋ,ଲଙ୍କା, ଅଦାକୁ ପେଷ୍ଟ କରି ଦିଅନ୍ତୁ । କ୍ରିମକୁ ଫେଣ୍ଟି ଦିଅନ୍ତୁ କଡ଼ାଇରେ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ । ତାପରେ ହଳଦୀ, ଧନିଆ ପାଉଡର ଓ ଲାଲ ମିର୍ଚି ପାଉଡର ପ୍ରକାଇ ଟମାଟୋ କଞ୍ଚାଲଙ୍କା ଓ ଅଦା ପେଷ୍ଟ ପକାଇ ମସଲାକୁ ଫ୍ରାଏ କରନ୍ତୁ । ମସଲା ହୋଇଗଲା ପରେ ୨କପ୍ ପାଣି ଲୁଣ ଦେଇ ୩-୪ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । ଝୋଳରେ ଗରମ ମସଲା ଓ ଧନିଆ ପତ୍ର ମିଶାଇ ଓହ୍ଲାଇ ଦିଅନ୍ତୁ ଏବେ ଆଳୁ କୋଫତା ଉପରେ ଢାଳି ଦିଅନ୍ତୁ । ତରକାରୀ ପ୍ରସ୍ତୁତ

ଅକାଳରେ କେଶ ଧଳା ହେବା ପଛର କାରଣ

ଏବେ ବିଦ୍ୟାଳୟ ଯାଉଥିବା ୧୪-୧୫ ବର୍ଷ ବୟସର ପିଲାଙ୍କର ମଧ୍ୟ କେଶ ଧଳା ଅକାଳରେ ହେଉଛି । ବିଶେଷଜ୍ଞଙ୍କ ମତରେ, ଏହା ପଛରେ ବିଭିନ୍ନ କାରଣମାନ, ରହିଛି ।

■ପ୍ରଥମ କଥା ହେଲା, ପ୍ରଦୂଷଣର ସ୍ତର ଦିନକୁଦିନ ବଢ଼ିବାରେ ଲାଗିଛି । ଖାଦ୍ୟପାନୀୟ ବାବଦରେ ଯେତେ ସତର୍କ ହେଲେ ମଧ୍ୟ ପ୍ରଦୂଷଣର କୁପ୍ରଭାବରୁ ଆମେ ବଞ୍ଚିପାରୁନାହୁଁ । ଗାଡ଼ି ମଟର ଧୂଆଁ ସହ ଅପମିଶ୍ରିତ ଖାଦ୍ୟପାନୀୟ କାରଣରୁ ମଧ୍ୟ ଅକାଳରେ କେଶ ପାଚିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି ।

■ଯୁବପିଢ଼ିଙ୍କର କେଶ ପାଚିବା ପଛର କାରଣ ହେଲା ସେମାନଙ୍କ ମାନସିକ ଚିନ୍ତା । କାମର ଚାପ ସହ ପରିବାରର ଦାୟିତ୍ୱ ବଢ଼ିଲେ ମଧ୍ୟ କେଶ ଉପରେ ପ୍ରଥମେ ପ୍ରଭାବ ପଡ଼େ । କେଶ ଦୁର୍ବଳ ହେବା ସହ ଝଡ଼ିଥାଏ ମଧ୍ୟ ।

■ପର୍ଯ୍ୟାପ୍ତ ପରିମାଣରେ ନିଦ ନ ହେବା ଅନ୍ୟତମ ମୁଖ୍ୟ କାରଣ ବୋଲି ବିଶେଷଜ୍ଞ କହିଛନ୍ତି ଏହା କାରଣରୁ କେଶ ପାଚିବା ସହ ଖୁବ ମାତ୍ରାରେ ଝଡ଼ିଥାଏ । ସକାଳ ଜଳଖିଆ ନକରିବା, ପନିପରିବା ଇତ୍ୟାଦି ନ ଖାଇବା କାରଣରୁ କେଶ ଉପରେ ଏସବୁର କୁପ୍ରଭାବ ପଡ଼ିଥାଏ ।

■ପ୍ରତ୍ୟହ ଦୁଗ୍ଧଜାତ ଦ୍ରବ୍ୟ ଖାଇବା ସହ ଆବଶ୍ୟକ ପରିମାଣରେ ପାଣି ପିଅନ୍ତୁ । ପାଣି ପିଇଲେ ତାହା କେଶ ପାଇଁ ଉତ୍ତମ ପ୍ରାକୃତିକ ମଏଶ୍ଚରାଇଜର ଭାବେ କାମ କରେ । ଏସବୁ ସହ ଅଁଳା ଫଳ ନଚେତ ରସକୁ ନିଜ ଡାଏଟରେ ସାମିଲ କରନ୍ତୁ ।

■ପ୍ରତ୍ୟହ ନିଜ କେଶରେ ତେଲ ମାଲିସ କରିବା ସହ ସପ୍ତାହକୁ ଥରୁଟିଏ କେଶକୁ ବାଙ୍ଗ ଦେବା ଉଚିତ ।

■ପେସ୍ତାବାଦାମ, କାଜୁ ଇତ୍ୟାଦି ଡ୍ରାଏଫ୍ରୁଟସ ଖାଇଲେ ମଧ୍ୟ ଅକାଳପକ୍ୱତାରୁ ରକ୍ଷା ମିଳେ ।

ତ୍ୱଚା ଭାଙ୍ଗ ଦୂରେଇବାର ଉପାୟ

ନାମୀ ଦାମୀ କମ୍ପାନୀର କ୍ରିମ କିମ୍ବା ବ୍ୟୁଟି ପାର୍ଲରରେ ଉପଚାର କରିବା ପୂର୍ବରୁ ପ୍ରଥମେ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚା ନିମନ୍ତେ ଘରେ ପ୍ରସ୍ତୁତି କରନ୍ତୁ । ୩୦ ପାର ହେଲା ପରେ ମହିଳାଙ୍କ ମୁଖ୍ୟ ସମସ୍ୟା ହେଉଛି ତ୍ୱଚାରେ ଭାଙ୍ଗ ପଡ଼ିବା । ଏଥି ନିମନ୍ତେ କେତୋଟି ଘରୋଇ ଉପଚାର କରିବା ଜରୁରୀ ।

ଭିଟାମିନ ଏ ଓ ଇ ଯୁକ୍ତ କଦଳୀ ଫଳଟି ଆମ ତ୍ୱଚା ଉପରେ ଖୁବ ଭଲ ପ୍ରଭାବ ପକାଇଥାଏ । ପାଚିଲା କଦଳୀକୁ ଭଲଭାବେ ଚକଟି ସେଥିରେ ୧ଚାମଚ ମହୁ ଓ ଗୋଲାପ ଜଳ ମିଶାଇ ପ୍ୟାକ ତିଆରି କରନ୍ତୁ । ଏବେ ସେହି ପ୍ୟାକକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ପରେ ଧୋଇନେବେ । ସପ୍ତାହକୁ ଥରୁଟିଏ ଏହି ପ୍ୟାକ ଲଗାଇଲେ ତାହାର ପ୍ରଭାବ ପଡ଼େ ।

କଫି ଗୁର୍ଡ ତ୍ୱଚା ପାଇଁ ଏକ ଉତ୍ତମ ସ୍କ୍ରବ ହୋଇଥିବା ବେଳେ ତାହା ତ୍ୱଚାରୁ ମୃତକୋଷିକା ବାହାର କରିଦିଏ । ତ୍ୱଚାର ଭାଙ୍ଗ ଦୂରେଇବା ନିମନ୍ତେ କଫି ଗୁଣ୍ଡ ୧ଚାମଚରେ ନଡ଼ିଆ ତେଲ ଅଳ୍ପ ମିଶାଇ ତାହା ତ୍ୱଚାରେ ଓ ହାତ, ପାଦରେ ଲଗାଇ ୧୫ମିନିଟ ପରେ ମାଲିସ କରି ଧୋଇନେବେ । ପ୍ରତି ୨ଦିନରେ ଥରେ ଏହି ପ୍ୟାକ ଲଗାଇଲେ ଲାଭ ମିଳେ ।

ମେଦବହୁଳତା ଦୂରକରେ ଗଧ କ୍ଷୀର

ଲିଟରର ପିଛା ୭ ହଜାର ଟଙ୍କା:

ଏବେ ପିଲାଙ୍କୁ ଗଧ କ୍ଷୀର ପିଇବାକୁ ଦିଆଯିବ । ଏହାଦ୍ୱାରା ଶରୀରରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହିତ ସ୍ମୃତିଶକ୍ତି ବି ପ୍ରଖର ହେବ । ଏହାକୁ ନିୟମିତ ପିଇଲେ କର୍କଟ, ମେଦବହୁଳତା ଏବଂ ଆଲର୍ଜିରୁ ମୁକ୍ତି ମିଳିପାରିବ ବୋଲି କୁହାଯାଉଛି । ହରିୟାଣାର ହିସାରଠାରେ ଥିବା ଜାତୀୟ ଅଶ୍ୱ ଅନୁସନ୍ଧାନ କେନ୍ଦ୍ର (ଏନ୍‌ଆର୍‌ସିଇ) ପକ୍ଷରୁ ଗଧ କ୍ଷୀର ବିକ୍ରି ପାଇଁ ଷ୍ଟଲ ସ୍ଥାପନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ହଲାରରୀ ପ୍ରଜାତିର ମାଈ ଗଧଙ୍କଠାରୁ କ୍ଷୀର ସଂଗ୍ରହ କରାଯାଇ ଏହାକୁ ଅଧ ଲିଟର ଏବଂ ଲିଟର ପଲିପ୍ୟାକ ତଥା ବୋତଲରେ ବିକ୍ରି କରାଯିବ । ଏହାର ଦାମ ଲିଟର ପିଛା ୭ ହଜାର ଟଙ୍କା ରହିବ । ଏନେଇ କେନ୍ଦ୍ରୀୟ ମଇଁଷି ଅନୁସନ୍ଧାନ କେନ୍ଦ୍ର ଏବଂ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥାନର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ା ଯାଇଛି । ଗାଈ କ୍ଷୀର ଭଳି ଗଧ କ୍ଷୀରର ମଧ୍ୟ ବିକ୍ରି କରାଯିବ ବୋଲି ଏହି ପ୍ରକଳ୍ପରେ କାମ କରୁଥିବା ଏନ୍‌ଆର୍‌ସିଇ ବରିଷ୍ଠ ଗବେଷକ ପ୍ରଫେସର ଡ.ଅନୁରାଧା ଭରଦ୍ୱାଜ ସୂଚନା ଦେଇଛନ୍ତି ।

ବିପ୍ଳବୀ ଯୁବ ଓ ଅଖିଳ ଭାରତୀୟ ଛାତ୍ର ସଙ୍ଘ ପକ୍ଷରୁ ବିକ୍ଷୋଭ

ଗୁଣୁପୁର,୫।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଲୁଙ୍ଗୁରତାଲଠାରେ ଆଜି ସିପିଆଇଏମଏଲର ଏକ ଗଣ ସଂଗଠନ ବିପ୍ଳବୀ ଯୁବ ଆସୋସିଏସନ (ଜଣଇ) ଓ ଅଖିଳ ଭାରତ ଛାତ୍ର ଆସୋସିଏସନ (ଇଓଝଇ) ମିଳିତ ଆନୁକୁଲ୍ୟରେ ବିଭିନ୍ନ ଦାବୀ ନେଇ ଏକ ଗଣବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଇ ଗଣବିକ୍ଷୋଭର ମୂଳ କାରଣ ହେଲା - ଯୁବ ଛାତ୍ର ମାନଙ୍କୁ ରୋଜଗାର ଯୋଗାଅ ନଚେତ୍ ମାସିକ ୧୦ ହଜାର ଟଙ୍କା ଯୋଗାଇ ଦିଅ, ଦେଶର ରେଳ - ବିମାନ ବନ୍ଦର ଓ କୋଇଲା - ଏୟାର ଇଣ୍ଡିଆ ଏଲଆଇସିକୁ ବିକ୍ରୀ ବନ୍ଦ କରିବା ଦାବିରେ ଦେଶ ବ୍ୟାପି ପ୍ରତିବାଦ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିପ୍ଳବୀ ଯୁବ ଆସୋସିଏସନ ର ସଭାପତି ଓଷାବିନ୍ ଶବର ଓ ସଂଜୀବ ଶବର ଏବଂ ଅଖିଳ ଭାରତ ଛାତ୍ର ଆସୋସିଏସନର କେନ୍ଦ୍ର କମିଟି ସଭ୍ୟ ଦିପ୍ତୀ ରାଣୀ ଗମାଙ୍ଗ, ମକ୍ଷର୍ଭକ୍ଷ ଶବର ଓ ଯୁବ ଛାତ୍ରମାନେ ଯୋଗଦେଇଥିଲେ ।

ପରଲୋକରେ ଗୁରୁ ଏମ ସତ୍ୟନାରାୟଣ: ଗୁରୁ ଦିବସରେ ଗୁରୁଙ୍କ ଅନ୍ତିମ ଯାତ୍ରା



ଗୁଣପୁର, ୫/୦୯(ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର ସହରର ନେତାଜୀ ନଗର ଠାରେ ନିଜ ବାସଭବନରେ ଗୁରୁ ଏମ ସତ୍ୟନାରାୟଣ ସେପ୍ଟେମ୍ବର ୪ ତାରିଖ ସନ୍ଧ୍ୟା ୭.୩୦ ମିନିଟ୍‌ରେ ୮୩ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି । ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗୁରୁ ସତ୍ୟନାରାୟଣ ଜଣେ ଶ୍ରେଷ୍ଠ ଓ ପ୍ରସିଦ୍ଧ ଜ୍ୟୋତିର୍ବିଦ ଭାବେ ସୁପରିଚିତ । ସେ ୧୯୯୯ ମସିହାରେ ଗୁଣପୁର ଉଠାଜଳସେଚନ ବିଭାଗରୁ ଅବସର ଗ୍ରହଣ କରିଥିଲେ । ସେ ତାଙ୍କ କର୍ମମୟ ଜୀବନ ମଧ୍ୟରେ ପରୋପକାର ପାଇଁ ଅହରହ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ । ବାସ୍ତୁଶାସ୍ତ୍ରରେ ମଧ୍ୟ ସେ ନିପୁଣ ଥିଲେ । ସେ ତାଙ୍କ ଜୀବନ କାଳ ମଧ୍ୟରେ ସବୁବେଳେ ଅନ୍ୟର ହିତ ଓ ଆବଶ୍ୟକ ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ସମର୍ପିତ କରିଥିଲେ । ସେ ସମାଜ ସେବା ଓ ମାନବ ସେବା ହିଁ ନାରାୟଣ ସେବା ବୋଲି କହନ୍ତି । ଜନସାଧାରଣଙ୍କୁ ସେବା କରି ଜଣେ ଶ୍ରେଷ୍ଠ ସମାଜ ସେବୀ ଭାବେ ସୁପରିଚିତ ଥିଲେ । ତାଙ୍କ ଜୀବନ କାଳ ମଧ୍ୟରେ ଦୁଇଟି ମନ୍ଦିରର ପ୍ରତିଷ୍ଠାତା ହୋଇପାରିଛନ୍ତି । ପ୍ରଥମତଃ ଗୁଣପୁର ସବୁ ଟ୍ରେଜରି ଅଫିସ ନିକଟସ୍ଥ ରାଧାକୃଷ୍ଣ ମନ୍ଦିରକୁ ସମସ୍ତ ସହଯୋଗ କ୍ରମେ ସମ୍ପୂର୍ଣ୍ଣ ରୂପେ ତୋଳି ପ୍ରତିଷ୍ଠା କରିଥିଲେ । ପରେ ଗୁଣପୁର ସହରର ଗାଦିଆଖଳା ରୋଡସ୍ଥିତ ଶ୍ରୀ ଶିରିଡ଼ି ସାଇ ବାବାଙ୍କ ମନ୍ଦିରକୁ ଭୂମି ପୂଜନ ଠାରୁ ଆରମ୍ଭ କରି ଅଦ୍ୟାବିଧି ସମସ୍ତ ଦାୟିତ୍ୱ ନେଇ ମନ୍ଦିରଟିକୁ ସୁନ୍ଦର ରୂପେ ଗଢ଼ି ଥିଲେ ଓ ପରିଚାଳନା କରୁଥିଲେ । ସେ ସମସ୍ତଙ୍କ ମଙ୍ଗଳ କାମନା ପାଇଁ ନିଜର ଆଧ୍ୟାତ୍ମିକ ଓ ଜ୍ୟୋତିଷ ଶାସ୍ତ୍ର ଆଧାରରେ ଲୋକଙ୍କୁ ସତ୍‌ମାର୍ଗ ପ୍ରଦର୍ଶନ କରୁଥିଲେ । ଜ୍ୟୋତିଷ ଶାସ୍ତ୍ରରେ ତାଙ୍କର ପ୍ରଧାନ ଓ ଏକମାତ୍ର ଶିଷଶ୍ୟ ଥିଲେ ଡଃ ପ୍ରଦୀପ କୁମାର ଚୌଧୁରୀ । ଡଃ ଚୌଧୁରୀ ଆଜି ଗୁରୁ ଏମ ସତ୍ୟନାରାୟଣଙ୍କ ଠାରୁ ଏହି ବିଦ୍ୟା ଶିକ୍ଷା କରି ସାରା ବିଶ୍ୱରେ ଏକ ଶ୍ରେଷ୍ଠ ଜ୍ୟୋତିର୍ବିଦ ଭାବେ ନିଜକୁ ପ୍ରତିପାଦିତ କରିପାରିଥିବା କହିଥିଲେ । ଗୁରୁଙ୍କ ଶେଷ ସମୟରେ ତାଙ୍କ ସହ ତାଙ୍କ ଧର୍ମପତ୍ନୀ ଏମ ରାବନାମା, ପାଞ୍ଚଟି ଝିଅ, ଜ୍ୱାଇଁ ଓ ନାତି ନାତୁଣୀ, ଶିଷ୍ୟ ପ୍ରଦୀପ ଚୌଧୁରୀ ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ ଦେଖିବାକୁ ମିଳିଥିଲା । ତାଙ୍କ ବିୟୋଗରେ ସହରର କୋଣ ଅନୁକୋଣରେ ଶୋକର ଛାୟା ଖେଳିଯାଇଛି ଏବଂ ଖବର ପାଇ ଶତାଧିକ ଭକ୍ତ, ସମାଜସେବୀ, ବିଜ୍ଞ ଓ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ଗୁରୁଙ୍କ ଅନ୍ତିମ ଦର୍ଶନ କରିଥିଲେ । ଶନିବାର ସକାଳୁ ଗୁରୁ ଦିବସରେ ଗୁରୁଙ୍କ ଅନ୍ତିମ ଶୋଭାଯାତ୍ରା ସାମାଜିକ ଦୂରତ୍ୱ ଓ ମାସ୍କ ସହ ବଂଶଧାରା ନଦୀ କୂଳରେ ଅନ୍ତେଷ୍ଟି କ୍ରିୟା ଅନୁଷ୍ଠିତ ହୋଇଥିଲା । ତାଙ୍କ ବିୟୋଗରେ ଡଃ ସତ୍ୟ ପ୍ରକାଶ ପଣ୍ଡା, ଡଃ ଚନ୍ଦ୍ର ଧ୍ୱଜ ପଣ୍ଡା, ଡଃ ପ୍ରଦୀପ କୁମାର ଚୌଧୁରୀ, ଏନ.ଭି.ଜେ ରାଓ, ଲାଡି ଶ୍ରୀରାମ ମୂର୍ତ୍ତି, ଲାଡି ଈଶ୍ୱର ରାଓ, ଶିବ ପ୍ରସାଦ ଗୌଡ଼ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଥିଲେ ।

ଗାଡିଦେବା ନାମରେ ଆଶା ଦିଦିଙ୍କୁ ଠକିଥିବା ଦୁଇ ଯୁବକ ଗିରଫ

ମାଲକାନଗିରି ,୫।୯ (ନି.ପ୍ର): ବର୍ତ୍ତମାନ ଦେଶରେ କରୋନା ଯୋଗୁ ଲକ୍ଷାଧିକ ଲୋକ ଜୀବିକା ହରାଇ ଏକରକମ ବେରୋଜଗାର ହୋଇବସିଛନ୍ତି ! ଏହି ସମୟରେ ଲୋକଙ୍କୁ ଠକିବା ପାଇଁ ଭିନ୍ନଭିନ୍ନ ଉପାୟ ଆପଣାଉଛନ୍ତି ଠକ ସଂସ୍ଥା ମାନେ ! ଗତ କିଛି ଦିନ ତଳେ କେବିସି ନାମରେ ଖଇରପୁଟ ଅଞ୍ଚଳରୁ ଜଣେ ଯୁବକ ଠାରୁ ଠକ ମାନେ ୪୧ହଜାର ଟଙ୍କା ଠକି ନେଇଥିଲେ ! ଏବେ ମାଲକାନଗିରି ଜିଲ୍ଲା ରେ ଦୁଇ ଜଣ ଆଶା ଦିଦିଙ୍କ ଠାରୁ ସ୍କୁଟି ଯୋଗାଇବା ନାଁ ରେ ଠକୁ ଥିବା ଓ ସ୍କୁଟି ରେଜିଷ୍ଟ୍ରେସନ ପାଇଁ ଟଙ୍କା ଆଦାୟ କରୁ ଥିବା ବେଳେ ମାଲକାନଗିରି ପୁଲିସ ଦ୍ୱାରା ଦୁଇ ଅନଲାଇନ ଲୁଟେରା ଗିରଫ ହୋଇଛନ୍ତି । ସୂଚନା ଯୋଗ୍ୟ, ଅଭିଯୁକ୍ତ ଦ୍ୱୟ ସ୍କୁଟି ଦେବା ପାଇଁ ଏକ ଯୋଜନା କରିଥିଲେ । ଜଗତସିଂହପୁର ବାଲିକୁଦା ଅଂଚଳର ସୌରଭ ଦାଶ ତଥା ଦିବ୍ୟ ରଞ୍ଜନ୍ ଆଶା ଦିଦି ମାନଙ୍କୁ ସରକାରଙ୍କ ପକ୍ଷରୁ କରୋନା ଯୋଦ୍ଧା ଘୋଷଣା କରି ୩୦ ଟି ଜିଲାର ଉତମ ସେବା ଯୋଗାଇ ଥିବା ଆଶା ଦିଦିଙ୍କୁ ପୁରସ୍କାର ଭାବରେ ଗୋଟିଏ ସ୍କୁଟି ଦିଆଯିବାକୁ ନିଷ୍ପତି ନିଆଯାଇଛି ବୋଲି କହିଥିଲେ । ଏହାପରେ ରେଜିଷ୍ଟରେସନ୍ ଫି ବାବଦକୁ ୭୦୦୦ଟଙ୍କା ଦେବାକୁ ପଡ଼ିବ ବୋଲି ପୂର୍ବରୁ ଅଭିଯୁକ୍ତ ମାନେ ମେସେଜରେ ଜଣାଇଥିଲେ । ଏକ ନିର୍ଦ୍ଦିଷ୍ଟ ଆକାଉଂଟ ଦେଇ କେବଳ ଗ୍ରାହକ ସେବା କେନ୍ଦ୍ରରୁ ଏହି ଅର୍ଥ ଡିପୋଜିଟ କରିବାକୁ କୁହାଯାଇ ଥିଲା । ତେବେ ମାଥିଲି ଓ କାଲିମେଳାର ଦୁଇ ଆଶା ଦିଦି ଏହା ସତ ଭାବି ଏକାଉଂଟରେ ଟଙ୍କା ଜମା କରିଥିଲେ । ଗାଡି କେବେ ମିଳିବ ବୋଲି ସେମାନେ ଦେଇଥିବା ଫୋନ ନମ୍ବରକୁ ଲେଗେଇଲେ ଏ ଅଭିଯୁକ୍ତଙ୍କ ମୋବାଇଲ୍ ବନ୍ଦ ବୋଲି ଜଣାପଡ଼ିଥିଲା । ପୁଲିସ ନିକଟରେ ଅଭିଯୋଗ କରିବା ପରେ ସୌମେନ୍ଦୁ ତ୍ରିପାଠିଙ୍କ ନେତୃତ୍ୱରେ ପୁଲିସଙ୍କ ଏକ ଦଳ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି !

୧୩ ଲକ୍ଷ ଟଙ୍କା ଠକେଇ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡା,୫।୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ବାଲିଆ ଗ୍ରାମର ୩ଜଣ ବ୍ୟକ୍ତି ଏକ ଠକ ସଂସ୍ଥା ଗଠନ କରି ମହିଳା ମାନଙ୍କ ଠାରୁ ପ୍ରାୟ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି । ସେହି ଗ୍ରାମର ମମତା ରାଉତ , ସୁମିତ୍ରା ସ୍ୱାଇଁ, ବାସନ୍ତୀ ନାୟକ , ମମତା ଗାହାଣ, ନୟନା ସ୍ୱାଇଁ, ଅର୍ଚ୍ଚନା ଗାହାଣ, ରୁବିନା ରାଣୀ ରାଉତ ଓ ମୀନତି ନାୟକ ପ୍ରମୁଖ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଅଭିଯୋଗ ପତ୍ର ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ବସୁପୁର ଗ୍ରାମର ଅକ୍ଷୟ କୁମାର ମଲିକ, ସରୋଜିନୀ ମଲିକ ଓ ଅଶ୍ୱନି ମଲିକ ଏକ ଜାଲ୍ ସଂସ୍ଥା ଗଠନ କରି ଟଙ୍କା ଲଗାଇ ଅଧିକ ଲାଭ ପାଇବା ପାଇଁ ମହିଳା ମାନଙ୍କୁ ପ୍ରଲୋଭିତ କରିଥିଲେ । ଏହି ମହିଳା ମାନେ ପ୍ରାୟ ୧୩ ଲକ୍ଷ ଟଙ୍କା ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଦେବାପରେ ସେମାନେ ଆଉ ଟଙ୍କା ପରିଶୋଧ କରିବାର ନାମ ଧରୁ ନାହାଁନ୍ତି । ଏନେଇ ପୂର୍ବରୁ ମହାକାଳପଡା ଥାନାରେ ଅଭିଯୋଗ କରା ଯାଇଥିଲେ ମଧ୍ୟ ପୋଲିସ ନାମକୁ ମାତ୍ର ୧୯୩/୨୦ରେ ମାମଲା ରୁଜୁ କରି ହାତ ବାନ୍ଧି ବସି ରହିଛି । ଏଣୁ ମହିଳା ମାନେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହିତ ତାଙ୍କର ଟଙ୍କା ଆଦାୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିକଟରେ ଦାବି କରିଛନ୍ତି ।

୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ,୫।୯ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

ଘୁଉଦୟଗିରି ଥାନା ପୋଲିସ ଜବତ କଲା ୫୦ କିଗ୍ରା ଗଞ୍ଜେଇ ଜଣେ ଗିରଫ

୨୫୦ ଲିଟର ମଦ ଜବତ ଓ ୨୦୦ ଲିଟର ପୋଚ ନଷ୍ଟ ଜଣେ ଗିରଫ

କନ୍ଧମାଳ,୫।୯ (ନି.ପ୍ର): ଜିଲ୍ଲାରେ ବହୁମାତ୍ରରେ ଚୋରା ଗଞ୍ଜେଇ ଚାଲାଣ ହେବା ସହିତ ଦେଶୀ ମଦର କାରବାର ମଧ୍ୟ ବଢିବାରେ ଲାଗିଛି । ଏହାକୁ ଦୃଢ ଭାବରେ ରୋକିବାପାଇଁ କନ୍ଧମାଳ ଏସପି ଭିଡିନ୍ ଅଗ୍ରୱାଲ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପରିଣାମ ସ୍ୱାରୁପ ଆଜି କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଥାନା ପୋଲିସ ଏକ ହୋଣ୍ଡା ସିଟି କାର ଭିତରୁ ୫୦ କିଗ୍ରା ଗଞ୍ଜେଇ ଜବତ କରିବାସହିତ ଜଣେ ଚାଲାଣକାରୀକୁ ଗିରଫ କରିଛି ପୋଲିସ । ଏହି ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବାପରେ ପୋଲିସ ଚଢାଉ କରି ଏହି ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ପୋଲିସ ଏକ ମାମଲା ୭୧/୨୦୨୦ ରୁଜୁ କରି ଜଣେ ଅଭିଯୁକ୍ତ ଫିରିଙ୍ଗିଆ ଅଂଚଳର ନାରାୟଣ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିଡିନ୍ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି । ତେବେ ଗିରଫ ଅଭିଯୁକ୍ତ ଜଣକର ନାମ ଏବଂ ଠିକଣା ଜଣାପଡିନାହିଁ । ସେହିପରି ଘୁ.ଉଦୟଗିରି ଥାନା ଅଂଚଳରେ ଆଉ ଏକ ଘଟଣାରେ ଦେଶୀ ମଦ ପୋଚ ନଷ୍ଟ କରିବା ସହିତ ଦଶୀ ବିଦେଶୀ ମଦ ଜବତ କରି ଜଣ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ସୁଚନା ଅନୁସାରେ ଆଜି ପୋଲିସ ଘୁ.ଉଦୟଗିରି ଥାନା ଅଂଚଳରେ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହିତ ସେଠାରେ ୨୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ସେଠାରେ ମଦ ପ୍ରସ୍ତୁତ ପାଇଁ ରହିଥିବା ୨୦୦ ଲିଟର ପୋଚ ମଧ୍ୟ ନଷ୍ଟ କରିଛି ପୋଲିସ । ଏହି ସଂକ୍ରାନ୍ତରେ ଏକ ମାମଲା ୭୦/୨୦୨୦ ରୁଜୁ କରିବା ସହିତ ସେହି ଅଂଚଳର ଫଂଟୁ ସାହୁ ନାମକ ଜଣକୁ ଗିରଫ କରି ତାକୁ କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ସୁଚନା ଦେଇଛନ୍ତି ।

ଉପଜିଲ୍ଲାପାଳଙ୍କ ମଧ୍ୟସ୍ଥତାରେ ବିବାଦ ତୁଟିଲା, ପୂର୍ବସ୍ଥାନରେ ବସିବ ଦୈନିକ ପରିବା ମାର୍କେଟ

ଭୁବନ,୫।୯ (ନି.ପ୍ର): ସ୍ଥାନ ବିବାଦକୁ ନେଇ ଗତ ୩ ଦିନ ହେଲା ଭୁବନରେ ବନ୍ଦ ରହିଥିବା ଦୈନିକ ପରିବା ମାର୍କେଟ ଆସନ୍ତା କାଲିଠାରୁ ପୂର୍ବସ୍ଥାନ (ନୂଆବଜାର)ରେ ବସିବ । କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ମଧ୍ୟସ୍ଥତାରେ ଏନଏସି ନିର୍ବାହୀ ଅଧିକାରୀ ଓ ପରିବା ବିକ୍ରେତାଙ୍କ ମଧ୍ୟରେ ଉପୁଜିଥିବା ବିବାଦର ଆଜି ସମାଧାନ ହୋଇଥିଲା । ଉପଜିଲ୍ଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଆଜି ଦିବା ୧ ଘଟିକା ସମୟରେ ଏନଏସି ଅଫିସରେ ପହଁଚିବା ପରେ କାମାକ୍ଷାନଗର ଏସଡିପିଓ, ଭୁବନ ଆଇଆଇସି ଜିତେନ୍ଦ୍ର କୁମାର ସାହୁ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ,ସହର ସଂଗଠନ ସଭାପତି ବାସୁଦେବ ବେହେରା, ପୂର୍ବତନ ନଗରପାଳ ନରହରି ସାହୁ,ନୂଆବଜାର ର ପୂର୍ବତନ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, କାଳୀବଜାର ସଭାପତି ସମୀର କୁମାର ସାହୁ,ପ୍ରବାଳକାନ୍ତି ସାହୁ,କୁଞ୍ଜ ବିହାରୀ ଚିନରା,ସୁଶାନ୍ତ କୁମାର ପୃଷ୍ଟି, ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସମେତ ପରିବା ବିକ୍ରେତା ସଂଘର ଚକ୍ରଧର ପୃଷ୍ଟି, ସରୋଜ ପୃଷ୍ଟି, ଗୌରାଙ୍ଗ ବାରିକ ପ୍ରମୁଖ ଦୈନିକ ପରିବା ମାର୍କେଟର ସମସ୍ୟା ଓ ସାୟୀ ସମାଧାନ ନିମନ୍ତେ ଆଲୋଚନା କରିଥିଲେ । ନିର୍ବାହୀ ଅଧିକାରୀ ଓ ପରିବା ବିକ୍ରେତା ଉଭୟ ଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ କରାଯାଇ ଆସନ୍ତା କାଲିଠାରୁ ପୂର୍ବ ସ୍ଥାନ (ନୂଆବଜାର) ପରିସରରେ ପରିବା ବିକ୍ରୟ କରାଯିବାକୁ ଚୂଡାନ୍ତ ନିଷ୍ପତି ହୋଇଥିଲା । ଅବ୍ୟବହୃତ ଭାବେ ପଡିରହିଥିବା ପୁରୁଣା ଥାନା କ୍ୟାମ୍ପସ,ବାଳିକା ପ୍ରାଥମିକ ବିଦ୍ୟାଳୟ ଓ ଫରେଷ୍ଟ ବିଟ୍ ଜାଗାକୁ ଦୈନିକ ପରିବା ବଜାର କରାଯିବାକୁ ଉପସ୍ଥିତ ବୁଦ୍ଧିଜୀବୀ ମାନେ ମତ ଦେବାରୁ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରକୁ ମଧ୍ୟ ପରିବା ମାର୍କେଟ ଭାବେ ବ୍ୟବହାର କରାଯିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତେବେ କୋଭିଡ-୧୯ ମାର୍ଗଦର୍ଶିକା ଅନୁଯାୟୀ ପରିବା ବିକ୍ରେତା ଓ କ୍ରେତା ଉଭୟ ମାସ୍କ ପିନ୍ଧିବେ,ସାମାଜିକ ଦୂରତା ରକ୍ଷା କରିବେ ଏବଂ ଗହଳି ନହେବା ପାଇଁ ପରିବା ମାର୍କେଟ ଭିତରକୁ ସାଇକେଲ କିମ୍ବା ମୋଟର ସାଇକେଲ ନଯିବାକୁ ଚୁକ୍ତି ରହିଥିଲା । କୋଭିଡ-୧୯ ନିୟମ ପାଳନ ତଦାରଖ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା ।

କୋଭିଡ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ୯୨ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ

ଗଞ୍ଜାମ,୫।୯ (ନି.ପ୍ର): କୋଭିଡ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ବ୍ରହ୍ମପୁର ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପଦକ୍ଷେପ ସ୍ୱରୂପ ଗତ ୨୪ ଘଂଟା ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅଂଚଳର ୧୭୮ ଜଣଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୯୨ ହଜାର ୬୦୦ ଟଙ୍କା ଆଦାୟ କରାଯାଇଥିବା ନେଇ ବ୍ରହ୍ମପୁର ପୋଲିସ ସୂଚନା ଦେଇଛି । ୧୩୫ଟି ଗାଡ଼ି ନିୟମ ଉଲ୍ଲଙ୍ଘନ କରିଥିବାରୁ ୭୦ ହଜାର ୫୦୦ ଟଙ୍କା, ମାସ୍କ ପିନ୍ଧିନଥିବା ବ୍ୟକ୍ତିବିଶେଷଙ୍କ ଠାରୁ ୮୬୦୦ ଟଙ୍କା ଏବଂ ରାସ୍ତାରେ ଛେପ ପକାଇଥିବା ଲୋକଙ୍କ ଠାରୁ ଜୋରିମାନା ବାବଦକୁ ୧୩ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି ।

ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନ ସମ୍ପର୍କିତ କ୍ୟାବିନେଟ୍ ନିଷ୍ପତିକୁ ବିଜେପିର ବିରୋଧ

ଶିକ୍ଷାର ମାନଦଣ୍ଡ ହ୍ରାସ କରିବାର ଚକ୍ରାନ୍ତ କରିଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୫।୯ (ନି.ପ୍ର): ଓଡିଶା ସରକାରଙ୍କର ପ୍ରସ୍ତାବିତ ଓଡିଶା ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ଅଧିନିୟମ-୧୯୮୯ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ-୨୦୦୫ର ପ୍ରତ୍ୟାହାର ବିଶ୍ୱବିଦ୍ୟାଳୟ ଗୁଡିକର ସ୍ୱାୟତତା କ୍ଷୁର୍ଣ୍ଣ କରିବା ସହ ଶିକ୍ଷାର ମାନଦଣ୍ଡକୁ ମଧ୍ୟ ପ୍ରତିକୂଳ ଭାବେ ପ୍ରଭାବିତ କରିବ । କୁଳପତିଙ୍କ ପଦ ମର୍ଯ୍ୟାଦା ଓ କ୍ଷମତା ସଙ୍କୁଚିତ ହେବ । ଛାତ୍ର, ସମାଜ ଏବଂ ଦେଶର ଭବିଷ୍ୟତ ପାଇଁ ଏହା ଚିନ୍ତାଜନକ ବିଷୟ ।ଏହି ଅଧ୍ୟାଦେଶ ଆଣି ରାଜ୍ୟସରକାର ଓଡିଶାରେ ଉଚ୍ଚଶିକ୍ଷାର ସଂପୂର୍ଣ୍ଣ ଅମଲାତନ୍ତ୍ରୀକରଣ ଓ ରାଜନୈତିକ ହସ୍ତକ୍ଷେପ ବଢେଇ

ମନରେଗା ଯୋଜନାରେ ଅନିୟମିତତା ଅଭିଯୋଗ

ଆଇଟିଡିଏ କାର୍ଯ୍ୟଦକ୍ଷତା ଉପରେ ଉଠିଲା ପ୍ରଶ୍ନବାଚୀ ?

ନୀଳଗିରି,୫।୯ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ପିଠାହତା ଗ୍ରାମପଂଚାୟତରେ ଦେଖିବାକୁ ମିଳିଛି ଏମଜିଏନଆରଏସରେ ଅନିୟମିତତା। ଜନୈକ ନେତା ଜୋରଜବରଦସ୍ତ ହିତାଧିକାରୀଙ୍କ ଜମିରେ ଜେସିବି ଲଗାଇ ମାଇ ଚାଷ ପାଇଁ ପୋଖରୀ ଖୋଳିବା ସହିତ ଜମିକୁ ଉନ୍ନତିକରଣ କରିବା ଘଟଣା ଏବେ ନୀଳଗିରିରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ବଣସୀମା ଅଂଚଳରେ ଥିବା ଏହି ଆଦିବାସୀ ଅଧ୍ୟୁସିତ ପଂଚାୟତର ବିଭିନ୍ନ ଗ୍ରାମରୁ ମାଛ ଚାଷ ନିମନ୍ତେ ୧୦ ଜଣ ହିତାଧିକାରୀଙ୍କୁ ମନୋନିତ କରାଯାଇଥିଲା। ଏହି ଅନୁଦାନରେ ମେସିନ ବଦଳରେ ଲୋକେ କାମ କରିବା କଥା କିନ୍ତୁ ବାସ୍ତବରେ ହିତାଧିକାରୀ ନିଜେ ନଖୋଳିବା ସହିତ ଜଣେ ନେତା କାର୍ଯ୍ୟ ପାଖରେ ଛିଡା ହେବା ପୁଣି ମେସିନ ଲଗାଇ ଖୋଳିବାକୁ ନେଇ ସୋସିଆଲ ମିଡିଆଚରେ ଚର୍ଚ୍ଚା ହେଉଛି। ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମାଂଚଳରେ ଅଧିକରୁ ଅଧିକ କର୍ମ ନିଯୁକ୍ତି ସୃଷ୍ଟି କିରବା। ମତ୍ସ୍ୟ ସମ୍ପଦର ବିକାଶ ତଥା ଗରୀବ ଜନସାଧାରଣଙ୍କୁ କର୍ମ ନିଯୁକ୍ତି ଯୋଗାଇବା ସହିତ ଆର୍ଥିକ ମାନଦଣ୍ଡକୁ ସୁଧାରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଏହାର ବ୍ୟତିକ୍ରମ କରି ସ୍ଥାନୀୟ ଅଂଚଳର ନେତା କମଳାକାନ୍ତ ମହାକୁଡ ଲୋକମାନଙ୍କ ଦ୍ୱାରା ପୋଖରୀ ନଖୋଳାଇ ମେସିନଦ୍ୱାରା ହିତାଧିକାରୀଙ୍କ ପୋଖରୀ ଖୋଳିଛନ୍ତି ଯାହାର ଭାଇରାଲ ଭିଡିଓ ଆମ ହସ୍ତଗତ ହୋଇଛି। ଏ ସମ୍ପର୍କରେ ଆଇଟିଡିଏର ଯନ୍ତ୍ରୀ ଇଂ ନରେଶ ପରିଡାଙ୍କୁ ପଚାରିବାରୁ ସେ କହିଥିଲେ ଉକ୍ତ ଘଟଣାର ଭିଡିଓ ମୋ ପାଖରେ ପହଂଚିଛି ଏହାର କୌଣସି ବିଲ ହେବ ନାହିଁ , ସେଠାରେ ମଧ୍ୟ କାର୍ଯ୍ୟ ହୋଇପାରିବ ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ୫୦ ପ୍ରତିଶତ ସବସିଟ ପାଉଥିବ ଏହି କାର୍ଯ୍ୟରେ ଗରୀବ ହିତାଧିକାରୀ କରିବେ କଣ ? ଚଂଚକତା କରିଥିବା ସ୍ଥାନୀୟ ନେତାଙ୍କ ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ ସେନେଇ ସାଧାରଣରେ ଆଲୋଚନା ହେଉଛି । ନା ଫାଇଲର ନାଲିଫିତା ତଳେ ବାବୁଙ୍କର କଳାକାରନାମା ବନ୍ଦ ହୋଇଯିବ ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

ରୋଟାରୀ କ୍ଲବ ପକ୍ଷରୁ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ

ଜଳେଶ୍ୱର,୫।୯ (ନି.ପ୍ର): ଜଳେଶ୍ୱର ରେଳ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ବିଶୁଦ୍ଧ ଥଣ୍ଡା ପିଇବାପାଣିର ବ୍ୟବସ୍ଥା ନ ଥିବାରୁ ରୋଟାରୀ କ୍ଲବର ସଂପାଦିକା ଡା. ଦିପ୍ତିମୟୀ ମହାପାତ୍ର ଓ ଡା, ବେଣୁଧର ହୁଇଙ୍କ ବିବାହର ୨୫ବର୍ଷ ପୁର୍ତ୍ତି ଅବସରରେ ଏପରି ଏକ ପ୍ରକଳ୍ପ ପ୍ରଦାନ କରିଛନ୍ତି । ୧ଲକ୍ଷୀ୫ହଜାର ଟଙ୍କା ବ୍ୟୟରେ ଏହି ପ୍ରକଳ୍ପକୁ ଜଳେଶ୍ୱର ରେଳ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଇଂ ପ୍ରଦୀପ ବେହେରା, ସଂପାଦିକା ଡା. ଦିପ୍ତୀମୟୀ ମହାପାତ୍ର, ସୁରେଶ କୁମାର ଦାସ, ସୁରେଶ କୁମାର ସାହୁ, ସତ୍ୟବ୍ରତ ଜେନା, ସତ୍ୟସୁନ୍ଦର ଦାସ, ନିତ୍ୟଗୋପାଳ ଦାସ, ଲକ୍ଷ୍ମୀଧର ହାଁସଦା, ପ୍ରବୀର କୁମାର ପ୍ରଧାନ, ପ୍ରଫୁଲ୍ଲ ଦାସ, ସୁବ୍ରଜ ରଣା, ନନ୍ଦନ ଦର୍ତ୍ତ, ମନୋରଂଜନ ଦାସ, ସତ୍ୟନାରାୟଣ ସିଂ, ଅଶୋକ ମହାନ୍ତି, ଲେଲିନ୍ ପ୍ରଧାନ, ସୁବିର ଜେନା, ସୁଭ୍ରକାନ୍ତ ଦେ, ପ୍ରଭାତ କୁମାର ସାହୁ, ଅନୁପ ପଣ୍ଡା ଓ କମଳଲୋଚନ ପାତ୍ର ପ୍ରମୁଖ ରୋଟାରିଆନ୍‌ମାନେ ଉପସ୍ଥିତ ଥିଲେ । ଏପରି ଅନ୍ୟଏକ ପ୍ରକଳ୍ପ ଭୂଷଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଲୋକାର୍ପିତ ହୋଇଛି ।

ଜୀବନ ଜୀବିକାନେଇ କୃଷକସଭା, ସିଟୁ, କ୍ଷେତମୂଲିଆ ସଂଗଠନର ପ୍ରତିବାଦ ବିକ୍ଷୋଭ

ଜଳେଶ୍ୱର, ୫/୯ (ନି.ପ୍ର) : କରୋନା ମହାମାରୀ ଜୀବନଜିବିକା ବିପର୍ଯ୍ୟନ୍ତ ବେଳେ ସୁବର୍ଣ୍ଣରେଖାର ବନ୍ୟା ଓ ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି ଲୋକଙ୍କ ଲମେରୁଦଣ୍ଡ ଭାଂଗି ଦେଇଛି । ଏପରିସ୍ଥଳେ ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମ ଆଇନ୍ ଉଚ୍ଛେଦ, ଜାତୀୟ ସମ୍ପତ୍ତିକୁ ଘରୋଇ କରଣ, ଶିକ୍ଷା ଶ୍ରମିକ ଉଚ୍ଛେଦ ଓ କୃଷି ଅଧ୍ୟାଦେଶ ଆଣୁଛନ୍ତି । ପୁଣି ଜଳେଶ୍ୱର ଥାନା ଆଇଆଇସି ଭିଜିଲାନ୍ସ ତଦନ୍ତ ପ୍ରହସନରେ ପରିଶତ ହୋଇଥିବାରୁ ସିବିଆଇ ତଦନ୍ତ ଜରୁରୀ ବୋଲି ଆଜି କୃଷକ ସଭା, ସିଟୁ, କ୍ଷେତମୂଲିଆ ସଂଗଠନ ପକ୍ଷରୁ ପ୍ରତିବାଦ ବିକ୍ଷୋଭ ସଭାରେ ମତପ୍ରକାଶ ପାଇଛି । ସାମ୍ପ୍ରତି ସମାଜରେ କରୋନା ଓ ବନ୍ୟ ବିଭିଷିକାପରେ ପରିବାର ପିଛା ୨ହଜାର ଟଙ୍କା ଓ ୧ କ୍ୟୁଣ୍ଟାଲ ଚାଉଳ, ପୁନର୍ବାସ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ନେବା, ଫସଲ ଜନିତ କ୍ଷତିର କ୍ଷତିପୂରଣ ସହ ଧାନବିକ୍ରି ଲାଗି ଫଜିକରଣକୁ ସେପ୍ଟେମ୍ବର ୩୦ତାରିଖୁ ଘୁଞ୍ଚାଇବା, ଭଟ୍ଟର ହସ୍‌ପିଟାଲରେ ଭେଷଜଡାକ୍ତର ନିଯୁକ୍ତି, କୋଭିଡ୍-୧୯ ପରୀକ୍ଷା ଓ ଉନ୍ନତ ଚିକିତ୍ସା ସହିତ ଆୟକର ।ଦେଉନଥିବା ପରିବାରକୁ ୭୫୦୦ଟଙ୍କା ପ୍ରଦାନ, କେବାରିଙ୍କୁ ଭତ୍ତା, ସମ୍ପର୍କରେ ବିକ୍ଷୋଭରେ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଦିଲ୍ଲିପ କୁମାର ଗିରି, ଶିଶିର ହୁଇ, ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ପଲ୍ଲୁ ଦାସ, ରବିନ୍ଦ୍ର ବାରିକ, ଦିଲ୍ଲିପ ପରିଡା, ସେକ୍‌ଅବଦୁଲ ସାଦ୍ଦିକ, ଜୀବନ ପରିଡା, ରତନ ଦାସ, ଗଣେଶ ଭୂୟାଁ, ଜିତନ୍ ଜେନା, ଚୈତନ୍ୟ ଅଣ୍ଡିଆ, ନିର୍ମଳ ପରିଡା, ଗଣେଶ ପାତ୍ର, ରାମଚନ୍ଦ୍ର ମହାନ୍ତି, କୁମାରକୃଷ୍ଣ କର ପ୍ରମୁଖ ବହୁ ବ୍ୟକ୍ତି ଏଥିରୋ ଯୋଗ ଦେଇଥିଲେ ।

ବିଶିଷ୍ଟ ଧର୍ମପରାୟଣା ମହିଳାଙ୍କ ଅକାଳ ବିୟୋଗ

ଜଳେଶ୍ୱର,୫।୯ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ପଂଚାୟତର କେଶପୁରା ଗାଁର ବିଶିଷ୍ଟ ଶିକ୍ଷକ ସମ୍ବୁନାଥ ଦାସଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣା ମହିଳାଙ୍କ ଆଜି ଦିବା ୧.୩୦ମିରେ ପରଲୋକ ହୋଇ ଯାଇଛି । ସେ ମେରୁ ଦଣ୍ଡ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଭୁବନେଶ୍ୱରସ୍ଥିତ ଖଣ୍ଡଗିରିର ଆମ୍ରି ହସ୍‌ପିଟାଲରେ ଚିକିତ୍ସିତ ହୋଇ ଆସୁଥିଲେ । ୩ ଦିନ ତଳେ ଘରକୁ ଫେରିଥିବା ବେଳେ ଆଜି ତାଙ୍କ ମୃତ୍ୟୁ ଖବରପାଇ ବହୁ ସ୍ଥାନୀୟ ଲୋକ ଶେଷ ଦର୍ଶନ କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ସମ୍ବୁନାଥ, ଝିଅ ପ୍ରତିମା, ଜ୍ୱାଇ ଜଗଦୀଶ, ପୁଅ ବଟକୃଷ୍ଣ, ପୁତ୍ରବଧୁ ରାଜଲକ୍ଷ୍ମୀ, ଭାଇ ମନୋରଂଜନ, ପୁତୁରା ଚିନ୍ମୟ, ଗିରିଜା ଶଂକର ଦାସ, ଆଶିଷ କୁମାର ଗିରିଙ୍କ ସହିତ ମାନ୍ୟଗଣ୍ୟ ଓ ବଂଧୁବାନ୍ଧବମାନେ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ପୁଅ ବଟକୃଷ୍ଣ ମୁଖାଗ୍ନି ଦେଇଥିଲେ ।

କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ କଲା ଆହ୍ୱାନ ଫାଉଣ୍ଡେସନ

ବାରିପଦା ,୫।୯ (ନି.ପ୍ର): କୋଭିଡ ଯୋଧାଙ୍କୁ ସମ୍ମାନ ଜଣାଇ ଗୁରୁବାର ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ବାରିପଦା ପୌରପରିଷଦର କାର୍ଯ୍ୟଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା କୋଭିଡ ନିୟମ ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ ତରଫରୁ ବାରିପଦା ପୌରପରିଷଦର ସଫେଇ କର୍ମଚାରୀଙ୍କୁ ମହାମାରୀ ଭୂତାଣୁ ସଂକ୍ରମିତ ନହେବା ପାଇଁ ସେମାନଙ୍କୁ ଜୋତା, ଗ୍ଲୋଭସ ଓ ମାସ୍କ ଆଦି ପ୍ରଦାନ କରାଯାଇଥିବା ବେଳେ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମର୍ଦ୍ଧନା ଉତ୍ସବରେ ଅତିଥି ଭାବରେ ସମାଜସେବୀ ଅର୍ଜ୍ୟଭଟ୍ଟ ମହାନ୍ତି, ବାରିପଦା ପୌରପରିଷଦ ମୁଖ୍ୟ କିରାଣୀ ନୀଳକଣ୍ଠ ଦାସ ପ୍ରମୁଖ ଯୋଗଦେଇ ଡାକ୍ତର, ସଫେଇ କର୍ମଚାରୀ, ନର୍ସ, ପୁଲିସ୍, ସାମ୍ବାଦିକ ଓ ପୌରପରିଷଦ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ରୂପଭାନୁ ମିଶ୍ର, ସାମ୍ବାଦିକ ବିଜୟ ଅଗ୍ରୱାଲ, ସୁବ୍ରତ କୁମାର ଦାସ, କାହ୍ନୁ ଚରଣ ଶତପଥୀ, ମୃତ୍ୟୁଯ ସେନାପତି, ବରିଷ୍ଠ ନର୍ସ ରଙ୍ଗଲତା ବେହୁରା, ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର ସେନାପତି, ଜିଲ୍ଲା ଜରୁରୀ କାଳୀନ ଅଧିକାରି ସୁଜୟ କୁମାର ପତି, ବାରିପଦା ପରିମଳ ନିରୀକ୍ଷକ ସନ୍ତୋଷ କୁମାର ମହାନ୍ତିଙ୍କୁ ସମ୍ମର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ 'ଆହ୍ୱାନ' ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଜିତେନ୍ଦ୍ର ପାଲ ସଂଯୋଜନା କରିଥିବା ବେଳେ ରାଜ୍ୟ ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ ବାରିକ୍, ଜିଲ୍ଲା ସଂଜଯୋକ ସୁବ୍ରତ ଦାସ, ବାଲେଶ୍ୱର ଜିଲ୍ଲା ସଂଯୋଜକ ବିବେକାନନ୍ଦ ପ୍ରଧାନ, ମଧୁସ୍ମିତା ପାଣି, ସସ୍ମିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୦,୬୬୩ କରୋନା ପରୀକ୍ଷଣ

ଭୁବନେଶ୍ୱର,୫।୯ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୦,୬୬୩ କରୋନା ପରୀକ୍ଷଣ ହୋଇଛି। ଏଥି ମଧ୍ୟରୁ ଆରଟି-ପିସିଆର ୬୮୯୮, ଆଂଟିଜେନ ୪୩୬୪୦ ତଥା ଟ୍ରୁନାଟ ୧୨୫ ସାମିଲ ରହିଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୦୪୮୦୦୮ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୬୮୭ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୫।୯ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୬୮୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ନିୟୋଜିତ କରି ଲୋକଙ୍କୁ ଏସଂପର୍କରେ ଅବଗତ କରାଇବା ପାଇଁ ଶ୍ରୀ ନଡ୍ଡା କାର୍ଯ୍ୟକର୍ତାମାନଙ୍କୁ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକର୍ତାମାନେ 'ଭୋକାଲ ଫର୍ ଲୋକାଲ' ହୁଅନ୍ତୁ । ପିପିଲିର ଚାନ୍ଦୁଆ, ରାଘୁରାଜପୁର ପଟ୍ଟଚିତ୍ର ଓ ବୟନଶିଳ୍ପକୁ ଗ୍ଲୋବାଲ କରିବା ଦରକର । ଆଗାମୀ ଦିନେର ୬ ଲକ୍ଷ ଗାଁକୁ ଅପଟିକାଲ ଫାଇବାର ସଂଯୋଗୀ କରଣ କରି ଡିଜିଟାଲ ଗାଁ ନିର୍ମାଣ ହେବ । କରୋନା ସଙ୍କଟ ସମୟରେ ରାଜ୍ୟ ବିଜେପି କାର୍ଯ୍ୟକର୍ତାମାନେ ୬ ଲକ୍ଷ ୯୦ ହଜାର ରାସନ କିଟ, ୭ଲକ୍ଷ ସାନିଟାଇଜର ଏବଂ ସାଢେ ୫ ଲକ୍ଷ ମାସ୍କ ବଂଟନ କରିବା କାର୍ଯ୍ୟକୁ ଶ୍ରୀ ନଡ୍ଡା ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୪୫୧ କି.ମି ଦୀର୍ଘ ବିଶିଷ୍ଟ ଦୀଘା-ଗୋପାଳପୁର ଉପକୂଳ ସଡକ ପଥ ନିର୍ମାଣ ପାଇଁ ୯ ହଜାର କୋଟି, ୨୯୦ କି.ମି. ଦୀର୍ଘ ବିଶିଷ୍ଟ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ପାଇଁ ୩୭୫୧ କୋଟି, କଟକ- ଅନୁଗୁଳ-ସମ୍ବଲପୁର ଜାତୀୟ ରାଜରାସ୍ତା-୫୫ ପାଇଁ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶାସନ କାଳରେ ଭୁବନେଶ୍ୱରରେ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ହେବା କାରଣରୁ ସାଧାରଣ ଲୋକ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରୁଛନ୍ତି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟସରକାର ନିଜ ନାଁରେ ନାମିତ କରି ଓଡିଶା ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗରିବ କଲ୍ୟାଣ ଯୋଜନା, ଆତ୍ମନିର୍ଭର ଭାରତ ଯୋଜନାରେ ନିଜ ନାଁ ଲଗାଇ ପ୍ରଚାର କରିବା ଅତ୍ୟନ୍ତ ନିନ୍ଦନୀୟ । କେନ୍ଦ୍ର ସରକାର ଯୋଜନାରେ ରାଜ୍ୟସରକାର ଓ ବିଜେଡି ନେତାମାନେ ଦୂର୍ନୀତି ଓ ଭ୍ରଷ୍ଟାଚାର କରୁଛନ୍ତି । ଗରିବ ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ ରଖୁଛନ୍ତି ରାଜ୍ୟସରକାର । ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କଲେ ରାଜ୍ୟର ୨ କୋଟି ୪୦ ଲକ୍ଷ ଗରିବ ଲୋକ ଉପକୃତ ହେବେ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

ନିଜ ଉପରେ ଏବଂ ନିଜ କର୍ତବ୍ୟ, ଯୋଗ୍ୟତା ଉପରେ ବିଶ୍ୱାସ ରଖି କାର୍ଯ୍ୟକର୍ତାମାନେ ନିଜକୁ ପରିପକ୍ୱ କରିବା ଆବଶ୍ୟକ । ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ଶ୍ରୀ ନଡ୍ଡା ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତାଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ଦିଲ୍ଲୀରୁ ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ସୌଦାନ ସିଂହ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ଓଡିଶା ପ୍ରଭାରୀ ଶ୍ରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ୍ ପାତ୍ର, ଭୁବନେଶ୍ୱରରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ମନ୍ତ୍ରୀ ଶ୍ରୀ ଦାଶ ପବିତ୍ର ଗୁରୁଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଗୁରୁଦିବସର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଶ୍ରୀ ଭୂପୀନ୍ଦର ସିଂ ପୁନିଆ, ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ବୃନ୍ଦାବନ ବେହେରା, ବିଦ୍ୟାଳୟ ଓ ଗଣଶକ୍ଷି। ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ଶତପଥୀ, ପରୀକ୍ଷା ନିୟନ୍ତ୍ରକ ଶ୍ରୀ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଯଦି ନୋଟିସ ଆସେ ସେ ସମସ୍ତଙ୍କୁ ଜଣାଇବେ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ବର୍ଷା ଏବେ ମଧ୍ୟ ଅନୁଭବଙ୍କ ଘରେ ହିଁ ଅଛନ୍ତି। ସରକାରୀ ୱେବସାଇଟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ଏହି ମାମଲାର ପଂଜିକରଣ ସଂଖ୍ୟା ସିଆରଏଲ୍‌ଏମ୍‌ସି ନଂ ୯୪/୨୦୨୦ ହୋଇଥିବା ବେଳେ ଏହା ଅଗଷ୍ଟ ୭ ତାରିଖ ଦିନ ପଂଜିକୃତ ହୋଇଛି। ପ୍ରୋଟେକସନ ଅଫ୍ ଓମେନ୍ ଫ୍ରମ୍ ଡୋମେଷ୍ଟିକ ଭାଇଲେନ୍ସ ଆକ୍ଟ ୨୦୦୫ର ଦଫା ୧୨,୧୭,୧୮,୧୯,୨୦ ଓ ୨୨ରେ ମୋକଦ୍ଦମା ଦାୟାର ହୋଇଛି। ମାମଲାର ଶୁଣାଣି ଆସନ୍ତା ୭ ତାରିଖରେ ହେବବୋଲି ସ୍ଥିରୀକୃତ ହୋଇଛି।

ତାରିଖ ଦିନ ମାନଙ୍କରେ ହାଓଡ଼ାରୁ ଛାଡୁଥିବା ୦୨୭୦୩ ହାଓଡ଼ା-ସିକନ୍ଦରାବାଦ ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ହାଓଡ଼ା ପରିବର୍ତେ ଭୁବନେଶ୍ୱରରୁ ଛାଡିବ ଏବଂ ଏହି ତାରିଖ ଗୁଡିକରେ ଏହା ହାଓଡ଼ାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବାତିଲ ରହିବ। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଛାଡୁଥିବା ୦୨୮୦୧ ଭୁବନେଶ୍ୱର -ନୂଆଦିଲ୍ଲୀ ସ୍ପେସିଆଲ ପୁରୁଷୋତମ ଏକ୍ସପ୍ରେସ ଓ ନୂଆଦିଲ୍ଲୀରୁ ଆସୁଥିବା ୦୨୮୦୨ ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ପେସିଆଲ ପୁରୁଷୋତମ ଏକ୍ସପ୍ରେସ ୬, ୧୦ ଓ ୧୧ ସେପ୍ଟେମ୍ବର, ୨୦୨୦ ରେ ଉଭୟ ଦିଗରୁ ପୁରୁଲିଆ ଓ ହିଜଲୀ ଠାରେ ରହଣି କରିବ ନାହିଁ। ଭୁବନେଶ୍ୱରରୁ ଛାଡୁଥିବା ୦୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେସିଆଲ ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ୭,୧୧ ଓ ୧୨ ସେପଟ୍ଟେମ୍ବର, ୨୦୨୦ ରେ ଏବଂ ନୂଆଦିଲ୍ଲୀରୁ ଆସୁଥିବା ୦୨୮୨୪ ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ପେସିଆଲ ରାଜଧାନୀ ଏକ୍ସପ୍ରେସ ନୂଆଦିଲ୍ଲୀ ଠାରୁ ୬, ୧୦ ଓ ୧୧ ସେପ୍ଟେମ୍ବରରେ ଉଭୟ ଦିଗରୁ ହିଜଲୀ ଠାରେ ରହଣି କରିବ ନାହିଁ।

୨୪୬, ଢେଙ୍କାନାଳ ଜିଲ୍ଲାରେ ୧୯୩୯. ଗଜପତି ଜିଲ୍ଲାରେ ୨୯୬୦, ଗଂଜାମ ଜିଲ୍ଲାରେ ୧୮୫୪୪, ଜଗତସିଂହପୁର ଜିଲ୍ଲାରେ ୨୨୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଯାଜପୁର ଜିଲ୍ଲାରେ ୪୩୫୧ , ଝାରସୁଗୁଡା ଜିଲ୍ଲାରେ ୧୫୬୪, କଳାହାଣ୍ଡି ଜିଲ୍ଲାରେ ୧୫୫୩, କନ

ରବିବାର,୬ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଦିନକରେ ୧୫୩ ପଜିଟିଭ୍: ୪୨୧୦କୁ ବୃଦ୍ଧି ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୫।୯ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ମୃତ୍ୟୁ ଅନୁପାତ କମ ଥିଲେ ବି ଗତ କିଛିଦିନ ଧରି ବଢୁଥିବା ସଂକ୍ରମଣ ହାର ରାଜ୍ୟବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୩,୫୪୩ ଜଣ ସଂକ୍ରମିତ ହୋଇଥିବା ବେଳେ ରାଜ୍ୟ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୨୦ ହଜାର ଟପିଛି। ଅନ୍ୟପକ୍ଷରେ ଅଦ୍ୟାବଧି ରାଜ୍ୟରେ କରୋନାରେ ୫୯୧ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଦିନକୁ ଦିନ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି। କାଁ ଭାଁ ୨/୩ ଦିନ ବ୍ୟତୀତ ଗତ ୨ ସପ୍ତାହରେ ଦୈନିକ ସଂକ୍ରମଣ ହାର ୧୦୦ ଉପରେ ରହୁଥିବା ବାଲେଶ୍ୱର ଜିଲ୍ଲାରେ ଆଜି ଗୋଟିଏ ଦିନରେ ୧୫୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ଜିଲ୍ଲାବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି। ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୪ହଜାର ୨୧୦ରେ ପହଞ୍ଚିଥିବା ବେଳେ ଆଜି କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୩ରେ ସ୍ଥିର ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆଜିସୁଦ୍ଧା ଜିଲ୍ଲାରେ ୩୨୩୯ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୫୩ ଜଣ ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଢୁଥିବା ସଂକ୍ରମଣ ସମସ୍ତଙ୍କ ଚିନ୍ତା ବଢ଼ାଇଛି। ସେହିଭଳି ଜିଲ୍ଲାର ଗୋଟିଏ ଗୋଟିଏ ଅଞ୍ଚଳରେ ଏକକାଳୀନ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ସୃଷ୍ଟି କରିଛି।

ସଂସ୍କୃତି-ପରମ୍ପରା ଉପରେ କରୋନାର ପ୍ରଭାବ !

ଚଳିତବର୍ଷ ଶିକ୍ଷାନୁଷ୍ଠାନରେ ପୂଜା ପାଇଲେନି ଗୁରୁ

ବାଲେଶ୍ୱର,୫।୯ (ନି.ପ୍ର): ସମ୍ପ୍ରତି ମହାମାରୀ କରୋନାର କୟାବିସ୍ତାର ଦେଶର ଅର୍ଥନୀତି ସାଙ୍ଗକୁ ସାମାଜିକ ସ୍ଥିତ ଦୋହଲି ଦେଇଥିବା ବେଳେ ଏହାର ପ୍ରଭାବ ସାଂସ୍କୃତିକ କ୍ଷେତ୍ରରେ ବି ବେଶ୍ ଅନୁଭୂତ ହୋଇଛି। କରୋନା ପାଇଁ ସାମାଜିକ ଜୀବନରେ ଧୀର୍ଘବର୍ଷ ଧରି ପାଳିତ ହୋଇ ଆସୁଥିବା ପ୍ରତ୍ୟେକଟି ପର୍ବ ପର୍ବାଣୀ ଚଳିତ ବର୍ଷ କେବଳ ବିଧିରକ୍ଷା ହୋଇଥିବା ଲକ୍ଷ୍ୟ କରାଯାଇଛି। ଅନୁରୂପ ଭାବେ ସମଗ୍ର ଦେଶରେ ପାଳିତ ହୋଇଆସୁଥିବା ପ୍ରଥମ ଉପ-ରାଷ୍ଟ୍ରପତି ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ତଥା ଗୁରୁଦିବସ ଆଜି ଫିକା ପଡ଼ିଥିବା ଦେଖିବାକୁ ମିଳିଛି। ଭାରତୀୟ ସଂସ୍କୃତିର ମହାନ ଗୁରୁଶିଷ୍ୟର ପରମ୍ପରାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଶିକ୍ଷାନୁଷ୍ଠାନମାନଙ୍କରେ ପାଳିତ ହୋଇ ଆସୁଥିବା ଜନନାୟକଙ୍କ ଜୟନ୍ତୀ ଉତ୍ସବରେ ଚଳିତ ବର୍ଷ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏବର୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂଜା କରି ନଥିଲେ। ସରକାରୀ ସ୍କୁଲମାନଙ୍କରେ ତ ଏହି ଉତ୍ସବ ପାଳିତ ହୋଇ ନଥିଲା , ମାତ୍ର ସରସ୍ୱତୀ ଶିଶୁ ମନ୍ଦିର ଭଳି ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଧିରକ୍ଷା ଉଦ୍ଦେଶ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗୁରୁଦିବସ ପରିବର୍ତ୍ତେ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାବନ୍ଦିରରେ ଆଜି ସକାଳ ୯ଟାରେ କିଛି ଗୁରୁ ଗୁରୁମା ଓ ସ୍କୁଲ କର୍ତ୍ତୃପକ୍ଷ ମିଳିତ ଭାବେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ପାଳନ କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ମାନେ ରାଧାକ୍ରୀଷ୍ଣନ୍ ଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିବାସହ ତାଙ୍କର ଜୀବନାଦର୍ଶ ଓ ସ୍ମୃତି ଚାରଣ କରିଥିଲେ। କେହି ଛାତ୍ର ଛାତ୍ରୀ ସ୍କୁଲ ଆସିନଥିଲେ କି ଗୁରୁଙ୍କୁ ପୂଜା କରିନଥିଲେ। ନିରାଡ଼ାମ୍ବର ପୂର୍ଣ୍ଣ ଭାବରେ ଶେଷ ହୋଇଥିଲା ଏହି କାର୍ଯ୍ୟ। ପରଂପରାକୁ ରକ୍ଷା କରିବାକୁ ଯାଇ ଏହି କାର୍ଯ୍ୟ କରାଯାଇଥିବାର ସ୍କୁଲର ଉପାଧ୍ୟକ୍ଷ ତଥା ମୁଖ୍ୟ ଉପଦେଷ୍ଟା ଉପେନ୍ଦ୍ର ପାତ୍ର କହିଛନ୍ତି।

ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ଓଡିଶାର ୨ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୫।୯ (ନି.ପ୍ର): ଚଳିତବର୍ଷ ପାଇଁ ସମ୍ମାନଜନକ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ଓଡ଼ିଶାର ଦୁଇ ଜଣ ଶିକ୍ଷକ ତାପସ କୁମାର ମହାନ୍ତି ଓ ବସନ୍ତ କୁମାର ସାହୁଙ୍କ ସମେତ ସବୁ ଶିକ୍ଷକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଓଡ଼ିଶାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରୁଥିବା ଭୁବନେଶ୍ୱର ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ତାପସ କୁମାର ମହାନ୍ତି ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଚଳିତବର୍ଷର ସମ୍ମାନଜନକ ରାଷ୍ଟ୍ରୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ମୋର ଅଭିନନ୍ଦନ। ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶ୍ରୀ ମହାନ୍ତିଙ୍କ ଲିଖିତ 'ଲର୍ଣ୍ଣି ବେଲ୍' ପୁସ୍ତକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ଦ୍ୱାରା ଆଦୃତ ହୋଇପାରିଛି ଏବଂ ବ୍ରେଲ୍ 'ୱାର୍ଡ୍ ବୁକ'ର ପ୍ରସ୍ତୁତି ତାଙ୍କୁ ଦେଇଛି ଅନନ୍ୟ ପରିଚୟ। ସେହିପରି ପିଲାଙ୍କୁ ପାଠ ପ୍ରତି ଆକର୍ଷିତ କରିବା ପାଇଁ କଣ୍ଢେଇକୁ ଶିକ୍ଷାଦାନର ମାଧ୍ୟମ କରିଥିବା ବୌଦ୍ଧ ଜିଲ୍ଲା ସରସରା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ସାହୁ ମଧ୍ୟ ଏହି ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। କଣ୍ଢେଇକୁ ଶିକ୍ଷାଦାନର ମାଧ୍ୟମ କରିଥିବା ଶ୍ରୀ ସାହୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନୀୟ କଣ୍ଢେଇ ତିଆରି କଳାକୁ ସେ ଏକ ବିଷୟ ଭାବେ ପିଲାଙ୍କୁ ଶିଖାଇଥାନ୍ତି । କଣ୍ଢେଇ ସାହାଯ୍ୟରେ ପିଲାଙ୍କୁ ଶିକ୍ଷା ପ୍ରଦାନର ନିଆରା ଶୈଳୀ ତାଙ୍କୁ ନୂଆ ପରିଚୟ ଦେଇଛି ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

ଭିଲିଲାନ୍ସ କନେଷ୍ଟବଳଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

ନୀଳଗିରି,୫।୯ (ନି.ପ୍ର): ପୁଣି ଜଣେ କନେଷ୍ଟବଳଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆସିଛି। ବାଲେଶ୍ୱର ଭିଜିଲାନ୍ସ ଅଫିସରେ କାର୍ଯ୍ୟରତ କନେଷ୍ଟବଳ ମନୋରଂଜନ ମାଝୀଙ୍କ ନାମରେ ଆସିଛି ଏକ ସଙ୍ଗୀନ ଅଭିଯୋଗ। ଏନେଇ ନୀଳଗିରି ଥାନାରେ ପିଡୀତା ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ୩୦୩/୨୦ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ନୀଳଗିରି ଥାନାର ଭାରପ୍ରାପ୍ତ ଆଇଆଇସି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ଖୁଂଟା ଥାନା ନାଉପଦା ଅଂଚଳର ଜଣେ ଯୁବତୀଙ୍କ ସହିତ ବାଲେଶ୍ୱର ଅଙ୍ଗାରଗଡିଆ ଅଂଚଳର ମନୋରଂଜନ ମାଝୀ (୪୮) (ବାଲେଶ୍ୱର ଭିଜିଲାନ୍ସ ବିଭାଗରେ କନେଷ୍ଟବଳ ଭାବେ କାର୍ଯ୍ୟକରନ୍ତି।) ପରିଚିତ ହୋଇଥିଲା ପରେ ବିବାହର ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ବାରମ୍ବାର ଦୁଷ୍କର୍ମ କରିଥିବା ନେଇ ପିଡୀତା ଅଭିଯୋଗ କରିଛନ୍ତି। ନୀଳଗିରି ଉପଖଣ୍ଡ ହାତୀମୁଣ୍ଡା ଅଂଚଳରେ ରହୁଥିବା ସମୟରେ (୩୫)ଯୁବତୀ ଜଣକୁ ଗତ ଜୁନ ମାସ ୨୯ ତାରିଖ ଦିନ ଦୁଷ୍କର୍ମ କରିଥିଲେ। ପରଦିନ ମଧ୍ୟ ଏଭଳି ହୀନ କାର୍ଯ୍ୟ କରିବା ସହିତ ବାରମ୍ବାର ଧମକ ଦେଇ ଦୁଷ୍କର୍ମ କରିଆସୁଥିବା ନେଇ ଅଭିଯୋଗ ହୋଇଛି। ତେବେ ପରେ ତାଙ୍କୁ କଷାଫଳ ଓ ଅଙ୍ଗାରଗଡିଆରେ ରଖି ମଧ୍ୟ ଦୁଷ୍କର୍ମ କରିଥିଲେ। ଗତ ୧୩/୦୮/୨୦୨୦ ରେ ଅଭିଯୁକ୍ତ ମନୋରଂଜନ ପିଡୀତାଙ୍କୁ ଏକ ଟେମ୍ପୋରେ ବସାଇ ହଠାତ ଅଭିଯୁକ୍ତ ଜଣକ ଛୁ ମାରିଥିଲେ। ଯୁବତୀ ଜଣକ ଯେତେ ଖୋଜାଖଜି କରିଥିଲେ ସୁଦ୍ଧା କିଛି ସୁରାଗ ପାଇନଥିଲେ। ଘଟଣାକୁ ନେଇ ଯୁବତୀ ଜଣକ ବାଲେଶ୍ୱରରେ ଅଭିଯୋଗ କରିଥିଲେ ମଧ୍ୟ ଏତଲା ରୁଜୁ ହୋଇନଥିଲା। ଶେଷରେ ମହିଳା ଜଣକ ନ୍ୟାୟ ପାଇଁ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅଭିଯୁକ୍ତ କନେଷ୍ଟବଳ ମନୋରଂଜନ ଅଫିସରୁ ଛୁଟି ନେଇ କୁଆଡେ ଛୁ ମାରିଥିବା ଜଣାପଡିଛି। ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବା ନେଇ ଜଣାପଡିଛି।

'ଆମେ ଭାରତୀୟ'ପକ୍ଷରୁ ଜନଜାଗରଣ କାର୍ଯ୍ୟକ୍ରମ

ବାଲେଶ୍ୱର,୫।୯ (ନି.ପ୍ର): ହେତୁବାଦୀ ସାମ୍ବାଦିକ ଗୌରୀ ଲଙ୍କେଶଙ୍କ ଶହୀଦ ଦିବସରେ ଦେଶବ୍ୟାପୀ ଆଜି ଜନଜାଗରଣ କାର୍ଯ୍ୟକ୍ରମ ପାଳନ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। 'ଆମେ ଭାରାତୀୟ' ସଂଗଠନର ବାଲେଶ୍ୱର ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଆଇନଜୀବୀ ଓ ପଥ ବିକ୍ରେତା ପ୍ରଭୃତି ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଦେଶର ବିପଦମୁଖୀ ସାମ୍ବିଧାନିକ ବ୍ୟବସ୍ଥା ଏବଂ କ୍ଷୁର୍ଣ୍ଣ ହେଉଥିବା ମାନବାଧିକାରର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କରୋନା ଆଳରେ ଏକଛତ୍ରବାଦୀ ସଟ୍‌ଡାଉନ୍ ଓ ଲକ୍‌ଡାଉନ୍ କରାଇ ଦେଶର ଅର୍ଥନୀତିକୁ ସର୍ବନାଶ କରି ସଂସଦୀୟ ଗଣତନ୍ତ୍ରକୁ ଆକ୍ରମଣ କରାଯାଉଥିବା ନେଇ ବିକ୍ଷୋଭ ବେଳେ ବକ୍ତାମାନେ କହିଛନ୍ତି। ଦେଶର ସଂସଦ ଓ ବିଧାନସଭାକୁ ବିଶ୍ୱାସକୁ ନ ନେଇ ଅମଲା, ଅଧିକାରୀ ଓ ପୁଲିସ ରାଜ ଚଳାଇ ଲୋକଙ୍କ ଗୃହବନ୍ଦୀ କରାଯାଉଛି ବୋଲି ସେମାନେ ଆରୋପ କରିଛନ୍ତି। ଘରୁ ବାହାରିଲେ, ମାସ୍କ ନ ପିନ୍ଧିଲେ ଓ ସାମାଜିକ ଦୂରତା ରକ୍ଷା ନ କଲେ ଜରିମାନା ଆଦାୟ କରାଯାଉଛି। ଏମିତିକି ଲୋକଙ୍କ ସମସ୍ୟା ନେଇ ମୁହଁ ଖୋଲିଲେ ଜରିମାନା ଆଦାୟ ସାଙ୍ଗକୁ ଜେଲ୍‌କୁ ବି ପଠାଇ ଦିଆଯାଉଛି। କରୋନା ମହାମାରୀର ମୁକାବିଲା ପାଇଁ ପ୍ରସ୍ତୁତ ନ ହୋଇ ଚୀକି ବୀମା ପାଇଁ ମଧ୍ୟପ୍ରଦେଶର ନିର୍ବାଚିତ ସରକାରଙ୍କ ବିଧାୟକଙ୍କୁ ଖର୍ଦ୍ଦିକରି ବିଜେପି ସରକାର ଗଠନ କରିବା, କୋଟି କୋଟି ଶ୍ରମିକଙ୍କ ଦାନାପାଣି ବନ୍ଦ କରି ସେମାନଙ୍କୁ ମରଣ ମୁହଁକୁ ଠେଲିଦେବା, ମହାମାରୀକୁ ସାମ୍ପ୍ରଦାୟିକତାର ରୂପଦେବା ଭଳି ଉଦ୍ୟମ ସହ ବର୍ତ୍ତମାନର ସରକାର ଦେଶକୁ କାଙ୍ଗାଳ କରିବାକୁ ଯାଉଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଏନେଇ ଦେଶବାସୀ ଏକ ହୋଇ ସ୍ୱର ଉତ୍ତୋଳନ ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜାଗ, ଉଠ, ଏକ ହୁଅ ନଚେତ ସବୁ ଚାଲିଯିବ, ବାକି ସବୁ କଥାରେ ଜରିମାନା, ଶୃଙ୍ଖଳା ଓ ଜେଲ ହେବ ବୋଲି ସେମାନେ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଆମେ ଭାରତୀୟ ପକ୍ଷରୁ ଆଇନଜୀବୀ ମନୋଜ ନାୟକ, ଏଆଇଟିୟୁସିର ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ଅବଦୁଲ ରଫିକ୍, ଟିପିର ସିଂ, ରାମଚନ୍ଦ୍ର ପରିଡ଼ା, ମହିନୀ ମୋହନ ପରିଡ଼ା, ନିର୍ମଳ ନାୟକ, ଅଭିଜିତ୍ ପଣ୍ଡା, ମନୋରଂଜନ ଆଶ, ଗୋପାଳ ଶତପଥୀ ପ୍ରମୁଖଙ୍କ ସମେତ ବିଭିନ୍ନ ବର୍ଗର ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

ଭିମସାରରେ ଖୋଲିବ ୧୦୦ ଶଯ୍ୟାର କୋଭିଡ୍ ହସ୍ପିଟାଲ

ଭୁବନେଶ୍ୱର,୫।୯ (ନି.ପ୍ର): ବୁର୍ଲା ସ୍ଥିତ ଭୀମ୍ ସାରରେ ବର୍ତମାନ କାର୍ଯ୍ୟ କରୁଥିବା ଆଇସୋଲେସନ୍ ୱାର୍ଡକୁ ଖୁବ୍ ଶୀଘ୍ର ୧୦ ଦିନ ମଧ୍ୟରେ ଏକ ୧୦୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍‌ପିଟାଲ୍ ଭାବରେ ବିକଶିତ କରାଯିବ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର ଶନିବାର ସକାଳେ ସମ୍ବଲପୁର ଗସ୍ତ କରି 'ଭୀମ୍‌ସାର' ପରିଦର୍ଶନ କରିଥିଲେ। ମୁଖ୍ୟ ଶାସନ ସଚିବ ଭୀମ୍‌ସାରରେ କୋଭିଡ୍ ପରିସ୍ଥିତି ଓ କୋଭିଡ୍ ରୋଗୀମାନଙ୍କ ଚିକିତ୍ସା ବ୍ୟବସ୍ଥା ସମୀକ୍ଷା କରିଥିଲେ । ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ସମ୍ପର୍କରେ ସୂଚନା ଦେଇଥିଲେ।

ଆଜି ଚିହ୍ନଟ ହେଲେ ୫୦ ଆକ୍ରାନ୍ତ

ଭଦ୍ରକ,୫।୯ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ଚିହ୍ନଟ ହେଲେ ନୂଆ ୫୦ କରୋନା ଆକ୍ରାନ୍ତ ଏବଂ ସୁସ୍ଥ ହୋଇଛନ୍ତି ୬୪ଜଣ। ମୋଟ ୫୨ହଜାର ୬୨୭ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୩୧୮୮ଜଣ। ଏମାନଙ୍କ ମଧ୍ୟରୁ ୨୩୫୦ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୮୨୯ଜଣ ଆକ୍ରାନ୍ତ ଆକ୍ଟିଭ ଭାବେ ଚିକିତ୍ସିତ ହେଉଛନ୍ତି। ଆଜି ଚିହ୍ନଟମାନଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୬ଜଣ, ବାସୁଦେବପୁର ପୌରପାଳିକାରୁ ୨ଜଣ, ଭଦ୍ରକ ବ୍ଲକରୁ ୧୯ଜଣ, ଭଦ୍ରକ ପୌରପାଳିକାରୁ ୫ଜଣ, ବନ୍ତ ବ୍ଲକରୁ ୧ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୮ଜଣ, ଚାନ୍ଦବାଲି ବ୍ଲକରୁ ୨ଜଣ, ଧାମନଗର ବ୍ଲକରୁ ୬ଜଣ, ଡିହିଡି ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ବନ୍ତ ବ୍ଲକର ଜାନୁଗଞ୍ଜ, ଧାମନଗର ବ୍ଲକର ଅସୁରାଳି, ଦିହୁଡି ଆନନ୍ଦପୁର, ଭଟସାହି, ଦଇପୁର, ରଇପୁର, ଚୁଡାକୁଟି, ଚାନ୍ଦବାଲି ବ୍ଲକର ଦୋସିଙ୍ଗା, ନଳଗୋହିରା, ଆରଡି,ଭଦ୍ରକ ବ୍ଲକର ରାଣିତାଲ, ବାଉଦପୁର, ବହୁଦରଡା, ଗେଲପୁର, ସାବରଙ୍ଗ, ଅଣ୍ଟେଇପଲ୍ଲୀ, କାଉପୁର, ସାହାଡା, ଭଣ୍ଡାରିପୋଖରୀ ବ୍ଲକର ପାଟୁଳୀ, ନେରଡା, ବୟବନାପୁର, ରହଣିଆ, ଦକ୍ଷିଣବାଡ, ତେସିଂଗା, ବାସୁଦେବପୁର ବ୍ଲକର ଆର୍ଡୁଂ, ବିନାୟକପୁର, ଅରଣ୍ଟୁଆ, ଇରମ, ବ୍ରାହ୍ମଣୀଗାଁ, ବରଣ୍ଟୁଆ, ଭଦ୍ରକ ପୌରପାଳିକାର ୱାର୍ଡ ନଂ ୨୨, ୧୪, ୭, ୧୫, ୧୨,୧୩, ୧୦, ଡିହିଡି ବ୍ଲକର କୋହ୍ଲ ପଞ୍ଚାୟତରୁ ଏହି ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି।

ଛାତ୍ରଛାତ୍ରୀଙ୍କ ଫି'ଛାଡ଼ ପାଇଁ ଏବିଭିପିର ଦାବି

ବାଲେଶ୍ୱର,୫।୯ (ନି.ପ୍ର): କରୋନା ଯୋଗୁଁ ଜୀବନ ଜୀବିକା ପ୍ରତି ବିପଦ ଦେଖା ଦେଇଥିବା ବେଳେ ସ୍କୁଲ ଓ କେଲେଜରେ ଛାତ୍ରଛାତ୍ରୀଙ୍କ ଫି' ଛାଡ଼ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି ଉଠାଇଛି। ଏହି ପରିପ୍ରେକ୍ଷୀରେ ଏବିଭିପି ବାଲେଶ୍ୱର ଜିଲ୍ଲା କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ସମ୍ପ୍ରତି କରୋନା ଯୋଗୁଁ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆର୍ଥି କକ୍ଷେତ୍ରରେ ଦେଖାଦେଇଥିବା ଅସ୍ଥିରତା ସମ୍ପର୍କରେ ଅବଗତ କରିଥିଲେ। କରୋନା ଯୋଗୁଁ ଅଚଳାବସ୍ଥାରେ ସାଧାରଣ ଲୋକଙ୍କ ମୁଣ୍ଡପିଛା ଆୟ ଆଶାତୀତ ଭାବେ ହ୍ରାସ ପାଇଥିବା ବେଳେ ଜୀବନ ଧାରଣର ମାନ ବି ନିମ୍ନଗାମୀ ହୋଇଛି। ଏଭଳି ସ୍ଥିତିରେ ସ୍କୁଲ କଲେଜର ଏଡମିସନଠାରୁ ଆରମ୍ଭ କରି ଟ୍ୟୁସନ ଫି' ପର୍ଯ୍ୟନ୍ତ ସବୁକିଛି ଛାଡ଼ କରିବା ପାଇଁ ଏବିଭିପିର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହି ଅବସରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଏବିଭିପିର ରାଜ୍ୟ ସହ-ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ, ଜିଲ୍ଲା ସଂଯୋଜକ ରଜତ କୁମାର ପାତ୍ର, ସ୍ମୃତିରଂଜନ ବେହେରା, ସୌଭାଗ୍ୟ ମହାନ୍ତି, ସାଇପ୍ରୀତମ ସେନାପତି, ଜୟନ୍ତ ପ୍ରଧାନ, ସୁବ୍